ସକାଳ THE SAKALA



## ବିତରଣ ହୋଇଛି ୯୫ ପ୍ରତିଶତ
# ୪୫ ପ୍ରତିଶତ ଘରେ ବ୍ୟବହାର ହେଉଛି ମଶାରୀ

**ସମ୍ବଲପୁର, ୧୩।୬(ସମିସ)**

ମଶାରୀ ବ୍ୟବହାର ରାଜ୍ୟରେ ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବା ଏଲ୍ଏଲ୍ଆଇଏନ୍ ବଣ୍ଟନ କରିଛନ୍ତି। ଏହି ଯୋଜନାରେ ଗ୍ରାମାଞ୍ଚଳ ସହିତ ସହର ବସ୍ତି ବାସିନ୍ଦାଙ୍କୁ ଗୁରୁତ୍ୱ ଦିଆଯାଇଥିଲା। ମଶାରୀ ବଣ୍ଟନ କରିବାରେ ସରକାର ସଫଳ ହୋଇଛନ୍ତି। ହେଲେ ବାସ୍ତବରେ ମଶାରୀ ବ୍ୟବହାର ହେଉନାହିଁ। ଲୋକମାନେ ମଶାରୀ ପାଇବା ପରେ ବ୍ୟବହାର ନକରି ଘରେ ରଖିଦେଇଛନ୍ତି। ବସ୍ତି ଅଞ୍ଚଳରେ ମିଳିଥିବା ଏହି ମଶାରୀକୁ ପ୍ରାୟ ୪୫ ପ୍ରତିଶତ ଲୋକ ବ୍ୟବହାର କରୁଥିବା ଏକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ବୁର୍ଲା ଭିମସାର ୫ ଜଣିଆ ଡାକ୍ତରୀ ଦଳଙ୍କ ଏହି ଗବେଷଣା ରିପୋର୍ଟ ସ୍ପ୍ରିଙ୍ଗର ନେଚର ଜର୍ନାଲରେ ପ୍ରକାଶ ପାଇଛି। ଡାକ୍ତର ସଞ୍ଜିବ ମିଶ୍ର, ଡାକ୍ତର ସୌମ୍ୟ ପାତ୍ର, ଡାକ୍ତର ଅଶୋକ ପାଣିଗ୍ରାହୀ, ଡାକ୍ତର ସୁବ୍ରତ ପ୍ରଧାନ, ଡାକ୍ତର ଗୌରହରୀ ପ୍ରଧାନ ଏହି ଗବେଷଣା ଟିମରେ ରହିଛନ୍ତି। ଡାକ୍ତରୀ ଦଳ ବୁର୍ଲା ସହର ବସ୍ତିବାସନ୍ଦା ଓ ସହର ଭିତରେ ସର୍ଭେ କରି ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଏହି ସର୍ଭେରେ ୫୧୬ ଟି ପରିବାରର ୨୫୪୧ ଜଣଙ୍କୁ ପଚରା ଉଚୁରା କରାଯାଇଥିଲା। ପରିବାର ମାନଙ୍କ ମଧ୍ୟରେ ୯୪.୨ ଅତିକମରେ ଗୋଟିଏ ବେଡ୍ ଜାଲର ମଶାରୀ ବ୍ୟବହାର କରୁଛନ୍ତି ବୋଲି ଜଣାପଡ଼ିଥିଲା। ସର୍ଭେରେ ୯୫ ପ୍ରତିଶତ ପରିବାର ପାଖରେ ମଶାରୀ



### ଭିମସାର ଡାକ୍ତରଙ୍କ ସର୍ଭେରେ ରୋଚକ ତଥ୍ୟ

ବଣ୍ଟନ ହୋଇଥିବା ସର୍ଭେରୁ ଜଣାପଡ଼ିଛି। ସର୍ଭେରେ ମତ ଦେଇଥିବା ମହିଳା, ଯୁବକ, ବୃଦ୍ଧଙ୍କ ବୟସ ୧୮ ରୁ ୯୦ ବର୍ଷ ମଧ୍ୟରେ ଅଛନ୍ତି। ସେମାନେ ମଶାରୀ ବ୍ୟବହାର ନ କରିବା କାରଣ ବିଷୟରେ ଉତ୍ତର ମଧ୍ୟ ଦେଇଥିଲେ। ମଶାରୀ ଟାଙ୍ଗି ଶୋଇଲେ ପ୍ରବଳ ଗରମ ଲାଗୁଛି, ଭିତରେ ଆଉଟୁ ପାଉଟୁ ଲାଗିଥାଏ। ବ୍ୟବହାର କରିବାକୁ ମନ ଲାଗେ ନାହିଁ ବୋଲି କହିଥିଲେ। ଏଥିରୁ ଜଣାପଡୁଛି ଯେ, ସରକାର ଲୋକଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ପ୍ରତି ଘରେ ମଶାରୀ ବଣ୍ଟନ କଲେ। ହେଲେ ମଶାରୀ ବ୍ୟବହାର ହେଉଛି କି ନାହିଁ ଆଉ କେହି ତଦାରଖ କଲେ ନାହିଁ। ତେଣୁ ଏତେ ବଡ଼ ଯୋଜନାର ସଫଳ ରୂପାୟନ ହୋଇ ପାରିଲା ନାହିଁ। ଏଥିରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅବହେଳା ଯୋଗୁଁ ହୋଇଥିବା ଅଭିଯୋଗ ହେଉଛି। ଫଳରେ ସରକାରୀ ରାଜସ୍ୱରୁ କୋଟି କୋଟି ଟଙ୍କା ପାଣିରେ ପଡ଼ିଲା ବୋଲି ଜଣାପଡୁଛି। ଡାକ୍ତର ମିଶ୍ର କହିଛନ୍ତିଯେ, ଆମର ଗବେଷଣା ଦଳ ପ୍ରଥମେ ବୁର୍ଲା ସହରକୁ ଚିହ୍ନଟ କରିଥିଲା। ମଶାରୀ ବ୍ୟବହାରରେ ଅଧିକ ଉନ୍ନତି ଆବଶ୍ୟକ ଉପଯୁକ୍ତ ବ୍ୟବହାର ସମ୍ବନ୍ଧରେ ପରାମର୍ଶ ଦେବା ସହିତ ଅଣ-ବ୍ୟବହାର ଉପରେ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ମଶାରୀ ବ୍ୟବହାର କଲେ କେବଳ ମ୍ୟାଲେରିଆ ମୁକାବିଲା ହୋଇ ନଥାଏ। ଡେଙ୍ଗୁ, ଫାଇଲେରିଆ ଭଳି ରୋଗ ସଂକ୍ରମଣକୁ ରୋକା ଯାଇ ପାରିବ। ରୋଗ ନିରାକରଣ ପାଇଁ ବ୍ୟବସ୍ଥା ଓ ମଶାରୀ ବଣ୍ଟନ ଯୋଜନା କରାଯାଇଛି। କୋଟି ଟଙ୍କା ଖର୍ଚ୍ଚ ମଧ୍ୟ କରାଯାଉଛି। ବାସ୍ତବରେ ଲୋକମାନେ ମଶାରୀ ବ୍ୟବହାର କରୁ ନାହାନ୍ତି ତାହା ଦୁର୍ଭାଗ୍ୟ ଜନକ ବୋଲି କହିଥିଲେ। ପ୍ରଶାସନ ପକ୍ଷରୁ ଗାଁ ଗାଁରେ ସଚେତନତାମୂଳକ କାର୍ଯ୍ୟକ୍ରମ, ନିୟମିତ ବ୍ୟବଧାନରେ କାନ୍ଥବାଡ଼ରେ ଡିଡିଟି ସିଞ୍ଚନ ଏବଂ ମ୍ୟାଲେରିଆ ପ୍ରଭାବିତ କ୍ଷେତ୍ରରେ ରାପିଡ୍ ଟେଷ୍ଟିଂ କରାଯାଉଛି। ଜଳାଶୟ ଓ ସନ୍ତସନ୍ତିଆ ସ୍ଥାନରେ ମଶା ବଂଶ ବୃଦ୍ଧି ନିପାତ କରିବା ପାଇଁ ବ୍ୟବସ୍ଥା କରାଯାଉଛି। ମ୍ୟାଲେରିଆ ନିୟନ୍ତ୍ରଣରେ ସ୍ୱୟଂ ସହାୟକ ଗୋଷ୍ଠୀର ମା', ଆଶାକର୍ମୀ ଓ ଗାଁ କଲ୍ୟାଣ ସମିତିର ସଦସ୍ୟମାନେ ପ୍ରମୁଖ ଭୂମିକା ନେଉଛନ୍ତି। ଡିଡିଟି ସିଞ୍ଚନ, ଏଲ୍ଏଲ୍ଆଇଏନ୍ ବଣ୍ଟନ ସହ ଏହାର ବ୍ୟବହାର ସମ୍ପର୍କରେ ସେମାନେ ତଦାରଖ କରୁଛନ୍ତି। ମ୍ୟାଲେରିଆ ସମ୍ପର୍କରେ ସୂଚନା ଦେବା ପାଇଁ ବିଭିନ୍ନ ଦୁର୍ଗମ ଅଞ୍ଚଳରେ 'ହେଲୋ ପଏଣ୍ଟ' ଚିହ୍ନଟ କରାଯାଇଛି। ଏହି ସବୁ କାର୍ଯ୍ୟକ୍ରମ ଜିଲ୍ଲାରେ ମ୍ୟାଲେରିଆକୁ ଏକ ପ୍ରକାର ଦମନ କରାଯାଇପାରିଛି। ଜିଲ୍ଲାରେ ମ୍ୟାଲେରିଆ ପ୍ରବଣ ସ୍ଥାନ ସଂଖ୍ୟା ମଧ୍ୟ ହ୍ରାସ ପାଇଛି ବୋଲି ପ୍ରଶାସନ ରିପୋର୍ଟ ଦେଉଛି।

# ରାସ୍ତା ନିର୍ମାଣ ପାଇଁ ଭୂମିପୂଜା



**କୁଚିଣ୍ଡା, ୧୩।୬(ସମିସ):** କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ଗ୍ରାମ ପଞ୍ଚାୟତର ଦୁଇଟି ରାସ୍ତା ନିର୍ମାଣ ପାଇଁ ବୁଧବାର ଦିନ ସ୍ଥାନୀୟ ସରପଞ୍ଚ ସରସ୍ୱତୀ ଠାକୁର ଓ ସମିତି ସଭ୍ୟା ରଶ୍ମି କୁସୁମ ଭୂମିପୂଜନ କରିଥିଲେ। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ବକ୍ସମା ଗ୍ରାମ ପଞ୍ଚାୟତ ପକ୍ଷରୁ ମନରେଗା ଯୋଜନାରେ ଦୁଇଟି ରାସ୍ତା ନିର୍ମାଣ ପାଇଁ ୧୦ ଲକ୍ଷ ଲେଖାଏଁ ଟଙ୍କାର ଆର୍ଥିକ ଅନୁଦାନ ମଞ୍ଜୁର ହୋଇଛି। ଏଣୁ ବୁଧବାର ଦିନ ଲାଡଖେଳ ପଡ଼ିଆ ଠାରୁ ଚାରଭାଟି ରାସ୍ତା ନିର୍ମାଣ ପାଇଁ ଏବଂ ଚାରଭାଟି ଧର୍ମୁ ଘର ଠାରୁ ଦେମୁଲଡିପା ରାସ୍ତା ନିର୍ମାଣ ପାଇଁ ସରପଞ୍ଚ ଓ ସମିତି ସଭ୍ୟ ଶୁଭ ଦେବା ସହ ଭୂମି ପୂଜନ କରିଥିଲେ। ଏହି ଅବସରରେ ଗ୍ରାମ ପଞ୍ଚାୟତର ପିଇଓ ବର୍ଷାରାଣୀ ବିଶ୍ୱାଳ, ଏଡିଇଓ ସରୋଜ କୁମାର ଆଚାର୍ଯ୍ୟ, ଏମବିକେ ହୁମସୀନି ଠାକୁର, ଯୁବ ନେତା ବିକାଶ ପୃଷ୍ଟେ, ଶତ୍ରୁଘ୍ନ ବୁଡ଼ା, ଗ୍ରାମ ସାଥୀ ପୂର୍ଣ୍ଣଚନ୍ଦ୍ର ସାହୁ ଏବଂ ବହୁ ସଂଖ୍ୟାରେ ଶ୍ରମିକମାନେ ଉପସ୍ଥିତ ଥିଲେ।

## ସୁଗନ୍ଧିତ ଧାନ ଚାଷ ନାମରେ ଚାଷୀଙ୍କୁ ଠକିଦେଲା ଏଫପିଓ
# ଅଧିକ ଖର୍ଚ୍ଚାନ୍ତ ହୋଇ ଅଭାବି ବିକ୍ରିର ଶିକାର



**ସମ୍ବଲପୁର, ୧୩।୬(ସମିସ):** ସମ୍ବଲପୁର ଜିଲ୍ଲାର ଯୁଜମୁରାର ୪ ପଞ୍ଚାୟତର ଚାଷୀ ଠକେଇର ଶିକାର ହୋଇଛନ୍ତି। ବାସ୍ନା ଚାଉଳ ପାଇଁ ଭିନ୍ନ କିସମର ଧାନ ଅମଳ କରି ଏବେ ଫସି ଯାଇଛନ୍ତି। ଅମଳ ଧାନକୁ ବିକ୍ରି କରି ପାରୁ ନାହାନ୍ତି। କେତେକ ଚାଷୀ ବାଧ ହୋଇ



ଅଭାବି ଦରରେ ଧାନ ବିକ୍ରି କରି ଦେଉଛନ୍ତି। ବଳକା ଧାନ କିଭଳି ବିକ୍ରି କରିବେ ଚିନ୍ତାରେ ପଡ଼ି ଯାଇଛନ୍ତି। ସରକାରୀ ଯୋଜନାରେ ଉନ୍ନତ ମାନ ଓ କିସମ ଧାନ ଚାଷ କରି ତଳିତଳାନ୍ତ ହୋଇଯାଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ଜିଲ୍ଲା କୃଷି ବିଭାଗ ଦ୍ୱାରା ଯୋଜନାରେ ଚାଷ କରିବାକୁ କୁହାଯାଇଥିଲା। ୨୦୨୩ ମସିହାରେ ଥୁଆମୂଳ ରାମପୁର ଏକ ଉତ୍ପାଦକ ଗୋଷ୍ଠୀ ଧାନ ବିହନ ଯୋଗାଇ ଦେଇଥିଲେ। ଅଗଷ୍ଟ ମାସ ଶେଷ ସୁଦ୍ଧା ବିହନ ଦେଇଥିଲେ ମଧ୍ୟ ଚାଷୀ ଅଧିକ ଉତ୍ପାଦନ ଆଶାରେ ଚାଷ କରିଥିଲେ। ବିହନ ଦେବା ସମୟରେ ଚାଷୀ ମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇଥିଲେ। ଏହି କିସମର ଧାନ ଚାଷ କଲେ ଅଧିକ ଅମଳ ହେବ। ଜୈବିକ ପଦ୍ଧତିରେ ଚାଷ କରିବେ। ଅମଳ ହେବା ପରେ ଆମ ଉତ୍ପାଦକ ଗୋଷ୍ଠି ଆସି ଅମଳ ଧାନ କିଣି ନେଇଯିବ। ଧାନ କେଜି ପ୍ରତି ୩୦ରୁ ୩୫ ଟଙ୍କାରେ ବିକ୍ରି ହେବ। ବିକ୍ରି ପାଇଁ କୌଣସି ସମସ୍ୟା ହେବ ନାହିଁ। ଗୀତାଞ୍ଜଳି ନାମକ କିସମର ଧାନ ବିହନ ୩୦୦ ଏକର କରିବାକୁ ଲକ୍ଷ ଦିଆଯାଇଥିଲା। ଚାଷୀଙ୍କ ସହିତ ଚୁକ୍ତି ନାମ କରି କହିଥିଲେ। କିନ୍ତୁ ବର୍ତ୍ତମାନ ସମୟରେ ଦେଇଥିବା ପ୍ରତିଶ୍ରୁତି ଓ କରିଥିବା ଚୁକ୍ତି ନାମାର କୌଣସି ପ୍ରକାର କାର୍ଯ୍ୟକାରୀ ହେଉ ନାହିଁ। ଚାଷୀ ମାନେ ଚୁକ୍ତିନାମା ଅନୁସାରେ ଧାନ ବିକ୍ରି କରିବାକୁ ନିଜର ଉତ୍ପାଦିତ ବିହନକୁ ଘରେ ରଖି ହନ୍ତସନ୍ତ ହେଉଛନ୍ତି। ଚାଷୀମାନେ ଜିଲ୍ଲା କୃଷି ଅଧିକାରୀ ଓ ଉତ୍ପାଦକ ଗୋଷ୍ଠୀଙ୍କୁ ବାରମ୍ବାର ଏହି ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ତାଙ୍କ ତରଫରୁ କୌଣସି ପ୍ରକାର ସନ୍ତୋଷ ଜନକ ଉତ୍ତର ମିଳୁ ନାହିଁ। ଏବେ ତ ଫୋନ ଉଠାଉ ନାହାନ୍ତି। ଉତ୍ପାଦିତ ଧାନକୁ ନିର୍ଦ୍ଧାରିତ ମୂଲ୍ୟ ଠାରୁ କମ ଦରରେ ବିକ୍ରି କରିଥିବା ବେଳେ ଆହୁରି ପାଖପାଖି ୧୦୦ ଜଣ ଚାଷୀ ଙ୍କ ପାଖରେ ଧାନ ମହଜୁଦ ଅଛି। ଯାହାକୁ ଚାଷୀ ସାଧାରଣ ରେ ବିକ୍ରି କଲେ ଅନେକ କ୍ଷତି ସହିବାକୁ ପଡ଼ିବ। ଅନ୍ୟ ପକ୍ଷରେ ପୁଣି ଏହି ବର୍ଷ ଥୁଆମୂଳ ରାମପୁର ଉତ୍ପାଦକ ଗୋଷ୍ଠୀ ଚାଷୀଙ୍କୁ ଠକିବାକୁ ବିହନ ବଣ୍ଟନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ତେଣୁ ଏହାକୁ ବନ୍ଦ କରାଯାଉ ବୋଲି ଚାଷୀମାନେ ଦାବି କରିଛନ୍ତି।

# କାଳବୈଶାଖୀ ପ୍ରଭାବରେ ଗଛ ପଡ଼ି ଯୁବକ ମୃତ

**ରେଢ଼ାଖୋଲ, ୧୩।୬(ସମିସ):** ରେଢ଼ାଖୋଲ ଅଞ୍ଚଳରେ ରାତ୍ରିରେ କାଳବୈଶାଖୀ ପବନ ବର୍ଷାରେ ବାଇକ୍ ଆରୋହୀଙ୍କ ଉପରେ ଗଛ ପଡ଼ିଯିବାରୁ ଘଟଣା ସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଯାଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ରେଢ଼ାଖୋଲ ଏନଏସି ଅନ୍ତର୍ଗତ କେନ୍ଦୁକଟା ଗ୍ରାମ ନିକଟ ଛକରେ। ଗୁରୁବାର ଦିନ ରାତ୍ରି ପ୍ରାୟ ୧୦.୩୦ ମି ସମୟରେ ଏକ ବାଇକ୍ ଆରୋହୀ ଘରକୁ ଫେରିବା ବାଟରେ ବର୍ଷା ପାଇଁ ଛିଡା ହୋଇଥିଲେ। ହେଲେ ପ୍ରବଳ ପବନ ହେବାରୁ ରାସ୍ତା କଡ଼ରେ ଥିବା ଏକ ଗଛ ସମ୍ପୂର୍ଣ୍ଣ ଉପାଡ଼ି ହୋଇ ଯାଇଥିଲା। ଏହି ସମୟରେ କେନ୍ଦୁକଟା ଗାଁର ସୁଦାମ ପ୍ରଧାନ( ୩୪) ବାଇକ୍‌ରେ ଘରକୁ ଫେରିବା ବେଳକୁ ତାଙ୍କ ଉପରେ ଗଛଟି ପଡ଼ି ଯାଇଥିଲା। ଫଳରେ ଉକ୍ତ ଯୁବକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଛି। ଗଛ ପଡ଼ିଯାଇଥିବାରୁ ବାଇକ୍‌ଟି ଚୁରମାର ହୋଇଯାଇଛି। ଗଛଟି ରାସ୍ତାରେ ପଡ଼ିବାରୁ ରେଢ଼ାଖୋଲରୁ ବୌଦ୍ଧ ରାସ୍ତାରେ ଶହଶହ ଗାଡି ଅଟକି ରହିଛି। ଖବର ପାଇ ଅଗ୍ନିଶମ ବାହିନୀର କର୍ମଚାରୀମାନେ ପହଞ୍ଚି ଗଛକାଟି ସଫା କାମ ଆରମ୍ଭ କରିଛନ୍ତି। ସ୍ଥାନୀୟ ଲୋକେ ମୃତ ଦେହକୁ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି।

# ଯୁବକଙ୍କୁ ଛୁରାମାଡ଼ ଘଟଣାରେ ୨ ଗିରଫ

**ସମ୍ବଲପୁର, ୧୩।୬ (ସମିସ):** ଶୀତଳଷଷ୍ଠୀ ଯାତ୍ରା ଦେଖିବା ବେଳେ ଜଣେ ବ୍ୟକ୍ତିଙ୍କୁ ପ୍ରାଣାନ୍ତକ ଆକ୍ରମଣ କରି ଡକାୟତି ଘଟଣାରେ ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଏବେ ମଧ୍ୟ ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ମୁଦିପଡ଼ାର ଅଲେଖ ପଟ୍ଟନାୟକ ବୁଧବାର ଭୋର୍ ସମୟରେ ଲକ୍ଷ୍ମୀଟକିଜ୍ ନିକଟରେ ଛିଡ଼ା ହୋଇ ଶୀତଳଷଷ୍ଠୀ ଯାତ୍ରା ଦେଖୁଥିଲେ। ଭୋର୍ ସାଢ଼େ ୩ଟା ପାଖାପାଖି ୬ ଜଣ ଦୁର୍ବୃତ୍ତ ତାଙ୍କ ପାଖକୁ ଆସି ଧାରୁଆ ଛୁରୀରେ ଆକ୍ରମଣ କରିଥିଲେ। ତାଙ୍କ ମୁହଁ ଓ ଅନ୍ୟ ସ୍ଥାନରେ ଆଘାତ ଲାଗିଥିଲା। ତାପରେ ଜଣେ ଦୁର୍ବୃତ୍ତ ତାଙ୍କ ପର୍ସ, ଏଟିଏମ୍ କାର୍ଡ, କ୍ରେଡିଟ୍ କାର୍ଡ, ପାନ୍ କାର୍ଡ ଓ ଟଙ୍କା ଛଡ଼ାଇ ନେଇଥିଲା। ସମସ୍ତ ଦୁର୍ବୃତ୍ତ ତାଙ୍କୁ ଠେଲିଦେଇ ଫେରାର ହୋଇଯାଇଥିଲେ। ଏ ନେଇ ଅଲେଖ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଲକ୍ଷ୍ମୀଟକିଜ୍ ଛକରେ ଟ୍ରାଫିକ୍ କର୍ମଚାରୀଙ୍କ ଠାରୁ ପୁଲିସ ପର୍ଯ୍ୟନ୍ତ ସମସ୍ତେ ଉପସ୍ଥିତ ଥିଲେ। ତା ସତ୍ତ୍ୱେ ଜଣେ ବ୍ୟକ୍ତିଙ୍କୁ ୬ ଜଣ ମିଶି ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଡକାୟତି କରିବା ଘଟଣାକୁ ସହଜରେ ସହରବାସୀ ଗ୍ରହଣ କରି ପାରୁ ନାହାନ୍ତି। ବିଳମ୍ବିତ ରାତିରେ ମଧ୍ୟ ଆଉ ଏକ ଘଟଣା ଘଟିଥିଲା। ଜଣେ ବ୍ୟକ୍ତିଙ୍କୁ ୨ ଜଣ ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ମୋବାଇଲ୍ ସହ ସୁନା ଚେନ୍ ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ଜଣେ ଅଭିଯୁକ୍ତକୁ ଟାଉନ୍ ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। କିନ୍ତୁ ଲୁଟ୍ ମାମଲାର ଆଉ ଜଣେ ଦୁର୍ବୃତ୍ତ ଏବେ ବି ଫେରାର ରହିଛନ୍ତି। ଚେପଟି ପୁଲିଆରେ ଲୁଟ୍ ଧନୁପାଲି ଥାନା ଚେପଟି ପୁଲିଆରେ ମଧ୍ୟ ଶୀତଳଷଷ୍ଠୀ ଯାତ୍ରା ଦେଖି ଆସୁଥିବା ୨ ଜଣ ଲୁଟ୍‌ର ଶିକାର ହୋଇଥିଲେ। ୩ ଜଣ ଦୁର୍ବୃତ୍ତ ସେମାନଙ୍କୁ ଅଟକାଇ ଥିଲେ। ତାପରେ ସେମାନଙ୍କୁ ଦୁର୍ବୃତ୍ତମାନେ ଛୁରି ଦେଖାଇ ଗୋଟିଏ ମୋବାଇଲ୍, ୧୫୦୦ ଟଙ୍କା ନେଇ ଫେରାର ହୋଇଥିଲେ। ଜଣେ ଦୁର୍ବୃତ୍ତକୁ ଧରି ନେଇଥିବା ବେଳେ ଅନ୍ୟ ୨ ଜଣ ଫେରାର ହୋଇଯାଇଥିଲେ। ଏ ନେଇ ସେ ଧନୁପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

# ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

**କୁଚିଣ୍ଡା ୧୩।୬(ସମିସ):** ବାମରା ବ୍ଲକ ଅନ୍ତର୍ଗତ ସାଗରା ରୋହିଦାସପଡ଼ାର ଟିକେଶ୍ୱର୍ ରୋହିଦାସଙ୍କ ୮ ବର୍ଷ ର ଶିଶୁ କନ୍ୟା ପୂଜା ରୋହିଦାସ ଗୁରୁବାର ଦିନ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇ ସେଠାରେ ପାଣିରେ ବୁଡ଼ି ଯାଇଥିଲେ। ଏହା ଦେଖି ସ୍ଥାନୀୟ ଲୋକ ମାନେ ତାଙ୍କୁ ଉଦ୍ଧାର କରି ଗଡ଼ପୋଷ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଗଡ଼ପୋଷ ଫାଣ୍ଡି ଅଧିକାରୀ ଅମୂଲ୍ୟ ଗଡ଼ନାୟକ ଡାକ୍ତରଖାନାକୁ ଯାଇ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଏକ ମାମଲା ରୁଜୁ ସହ ଶବ ବ୍ୟବଚ୍ଛେଦ ପାଇଁ ଗୋବିନ୍ଦପୁର ଡାକ୍ତରଖାନାକୁ ପଠାଇ ଥିଲେ।

# କେରଳ ଦକ୍ଷତାବିକାଶ କାର୍ଯ୍ୟକ୍ରମରେ ସମ୍ବଲପୁର ଶିକ୍ଷୟିତ୍ରୀ

**ସମ୍ବଲପୁର, ୧୩।୬ (ସମିସ):** ସମ୍ବଲପୁର ଧନକଉଡ଼ା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୃକ୍‌ସ ହିଲ୍‌ର ଶିକ୍ଷୟିତ୍ରୀ ରଚନା ସିଂହ କେରଳରୁ ଦକ୍ଷତା ବିକାଶ କାର୍ଯକ୍ରମରେ ଯୋଗଦେଇ ଫେରିଛନ୍ତି। ପାଞ୍ଚ ଦିବସୀୟ ବୃତ୍ତିଗତ ଦକ୍ଷତା ବିକାଶ କାର୍ଯକ୍ରମ ହୋଇଥିଲା। ସମ୍ବଲପୁର ଜିଲ୍ଲା ପକ୍ଷରୁ ଯୋଗଦେଇଥିଲେ। କେରଳର ଶିକ୍ଷା ବ୍ୟବସ୍ଥା ସହିତ ବିଭିନ୍ନ ବରିଷ୍ଠ ପ୍ରଫେସର ମାନଙ୍କ ଠାରୁ କିପରି ଶୈକ୍ଷିକ ଦକ୍ଷତା ବୃଦ୍ଧି ସହିତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ମଧ୍ୟରେ ଅଭିପ୍ରେରିତ ବା ମୋଟିଭେସନ୍



ସୃଷ୍ଟି ହୋଇପାରିବ ସେ ଦିଗରେ ତାଲିମ ଗ୍ରହଣ କରିଥିଲେ। ଉକ୍ତ ବିଷୟକୁ ନିଜ ଜିଲ୍ଲାର ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପ୍ରଦାନ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଏଥିପାଇଁ ଧନକଉଡ଼ା ବ୍ଲକ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମନ୍ତ୍ରୀଙ୍କ ସହ ଫଟୋ ଦେଖାଇ ଅଧିକାରୀଙ୍କୁ ଭୟଭୀତ ଉଦ୍ୟମ ଅଭିଯୋଗ

**କୁଚିଣ୍ଡା, ୧୩।୬ (ସମିସ):** ରାଜ୍ୟରେ ଏବେ ସରକାର ପରିବର୍ତ୍ତନ ହୋଇ ବିଜେପି ସରକାର ଆରମ୍ଭ ହୋଇଛି। କୁଚିଣ୍ଡା ବିଧାୟକ ରବି ନାଏକଙ୍କ ମନ୍ତ୍ରିମଣ୍ଡଳରେ କେବିନେଟ ପାହ୍ୟାରେ ସ୍ଥାନ ମିଳିଛି। ଏହାକୁ ନେଇ କୁଚିଣ୍ଡାରେ ବିଜେପି ସହିତ ଜନ ସାଧାରଣ ସ୍ୱାଗତ କରିଛନ୍ତି। ମାତ୍ର ଦୁଇ ଦିନ ବିତିଛି ଏବେଠାରୁ କିଛି କର୍ମକର୍ତ୍ତା, କୁଜି ନେତା, ନବ ନିର୍ବାଚିତ ମନ୍ତ୍ରୀଙ୍କ ସହ ଫଟୋ ଭାଇରାଲ କରୁଛନ୍ତି। ସେମାନେ ମନ୍ତ୍ରୀଙ୍କ ପାଖ ଲୋକ ବୋଲି ପ୍ରମାଣିତ କରୁଛନ୍ତି। କେବଳ ଭାଇରାଲ କରୁ ନାହାନ୍ତି ଖୋଲାଖୋଲି ଭାବେ ଭୟଭୀତ କରିବାକୁ ଉଦ୍ୟମ କରିବାକୁ ଲାଗିଲେଣି। ଏବେ ଆମେ ଯେତେ ବେଳେ ଯେଉଁ ଅଧିକାରୀଙ୍କୁ ଚାହିଁବୁ ସେହି ଅଧିକାରୀଙ୍କୁ ସଙ୍ଗେ ସଙ୍ଗେ ଦୂର ସ୍ଥାନକୁ ବଦଳି କରିବୁ। ଏଣୁ ଅଧିକାରୀମାନେ ଏବେଠୁ ସଜାଗ ହୁଅ। ଏପରି ଧମକ ଶୁଣି ପୁଲିସ ବିଭାଗ ଠାରୁ ସମସ୍ତ ଅନ୍ୟ ସରକାରୀ ଅଧିକାରୀ ମାନେ ଏବେ ଭୟଭୀତ ଅବସ୍ଥାରେ ରହିଛନ୍ତି। କାରଣ ପରିବାର ଠାରୁ ଦୂରକୁ ଯଦି ସେମାନଙ୍କୁ ବଦଳି କରାଯାଏ ତେବେ ସେମାନେ ବହୁ ଅସୁବିଧା ଭୋଗିବେ। ଏଣୁ ଏପରି ଭୟ ସୃଷ୍ଟି କରୁଥିବା କୁଜି ନେତାଙ୍କ ଉପରେ ଦୃଷ୍ଟି ଦେବାକୁ ଦାବି ହେଉଛି।

# ୨୭ରେ ସମ୍ବଲପୁରରେ ଡାକ ଅଦାଲତ

**ସମ୍ବଲପୁର, ୧୩।୬ (ସମିସ):** ସମ୍ବଲପୁର କ୍ଷେତ୍ରୀୟ ଡାକ ଅଦାଲତ ଚଳିତ ମାସ ୨୭ ତାରିଖ ଗୁରୁବାର ପୋଷ୍ଟମାଷ୍ଟର ଜେନେରାଲଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ଜନସାଧାରଣ ସେମାନଙ୍କର ଅଭିଯୋଗ ଗୁଡ଼ିକ ପ୍ରଥମେ ଡିଭିଜନସ୍ତରୀୟ ଡାକ ଅଦାଲତରେ ଉପସ୍ଥାପିତ କରିବେ। ଯଦି ସେଠାରୁ ସନ୍ତୋଷଜନକ ସମାଧାନ ପାଇବାରେ ଅସମର୍ଥ ହୁଅନ୍ତି, ତାହାହେଲେ ସେମାନେ କ୍ଷେତ୍ରୀୟ ଡାକ ଅଦାଲତରେ ସେମାନଙ୍କର ଅଭିଯୋଗ ଗୁଡ଼ିକ ଉପସ୍ଥାପିତ କରିପାରିବେ। ଏଥିପାଇଁ ଡାକଘର କାରବାର ସମ୍ବନ୍ଧୀୟ ଅଭିଯୋଗକୁ ତିନିକିତା କରି ସେଥିସହିତ ସମ୍ପୃକ୍ତ ଡାକଘର ଘର ରସିଦ / ପ୍ରମାଣପତ୍ର, ଅଭିଯୋଗର ବିବରଣୀ, ଅଭିଯୋଗକାରୀଙ୍କ ନାମ ଓ ସମ୍ପୂର୍ଣ୍ଣ ଡାକ ଠିକଣା ସହିତ ସମ୍ପୃକ୍ତ ଡିଭିଜନର ଡାକଘର ସୁପରିଟେଣ୍ଡେଣ୍ଟ କିମ୍ବା ସହାୟକ ଡାକ ନିର୍ଦ୍ଦେଶକ, ପୋଷ୍ଟମାଷ୍ଟର ଜେନେରାଲ କାର୍ଯାଳୟ, ସମ୍ବଲପୁର-୭୬୮୦୦୧ ଠିକଣାରେ ଚଳିତ ମାସ ୨୨ ତାରିଖ ସୁଦ୍ଧା ପଠାଇବାକୁ ହେବ। ଡାକସେବା ଅସମ୍ବନ୍ଧୀୟ ଅଭିଯୋଗ ଯଥା ଡାକଘର ସ୍ଥାପନା, ନୂତନ ପଦ ସୃଷ୍ଟି, ଡାକଘରର ଭଡା କିମ୍ବା ଘରଭଡା ଇତ୍ୟାଦି ଡାକ ଅଦ ଅଦାଲତରେ ବିଚାର ପରିସରଭୁକ୍ତ ନୁହଁ। ତେଣୁ ଏ ସମ୍ବନ୍ଧରେ କୌଣସି ଅଭିଯୋଗ ନ ପଠାଇବାକୁ ପରାମର୍ଶ ଦିଆଯାଉଛି। ୨୨ ତାରିଖ ପରେ ମିଳିଥିବା ଅଭିଯୋଗଗୁଡିକ ବିଚାରକୁ ନିଆଯିବ ନାହି ବୋଲି ସୂଚନା ଦିଆଯାଇଛି।



ରଜ ଉପଲକ୍ଷେ ମାଲକାନଗିରି
ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା
ଶ୍ରୀ ଭବାନୀ ଶଙ୍କର ମୁଖାର୍ଜୀ
ଜିଲ୍ଲା ସମ୍ପାଦକ, ଭାରତୀୟ ଜନତା ପାର୍ଟି, ମାଲକାନଗିରି

## ଆଜି ବିଶ୍ୱ ରକ୍ତଦାତା ଦିବସ
# 'ରକ୍ତଦାନ କରି ଅନ୍ୟର ମୁହଁରେ ହସ ଫୁଟାନ୍ତୁ'

**ସମ୍ବଲପୁର, ୧୩।୬(ସମିସ)**

ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା। ୧୬୨୮ ମସିହାରେ ଫିଜିସିଏନ ୱିଲିୟମ ହାର୍ଭେ ବ୍ଲଡ୍ ଟ୍ରାନସଫ୍ୟୁଜନ ଆରମ୍ଭ କରିଥିଲେ। ୧୬୬୫ ମସିହାରେ ପ୍ରଥମେ କୁକୁରରୁ କୁକୁର ମଧ୍ୟରେ ବ୍ଲଡ ଟ୍ରାନସଫ୍ୟୁଜନ କରାଯାଇଥିଲା। ଜେମସ୍ ବ୍ଲୁଡେଲ ମଣିଷରୁ ମଣିଷକୁ ରକ୍ତଦେବା ପ୍ରକ୍ରିୟା ଆରମ୍ଭ କରିଥିଲେ। କାଇ ଲେଣ୍ଟଷ୍ଟେନର ଏବିଡି ତିନୋଟି ରକ୍ତବର୍ଗ ଆରମ୍ଭ କରିଥିଲେ। ତେଣୁ ୧୯୩୦ ମସିହାରେ ତାଙ୍କୁ ନୋବେଲ ପୁରସ୍କାର ଦିଆଯାଇଥିଲା। ପରବର୍ତ୍ତି ସମୟରେ ଆହୁରି ଅନେକ ଗୁଡିଏ ରକ୍ତବର୍ଗ ଚିହ୍ନଟ କରାଯାଇଛି। ଓ +, ଓ -, ଓ ପଜିଟିଭ, ଏ ପ୍ଲସ, ବି ପ୍ଲସ, ବି-, ଏବି ପ୍ଲସ, ଏବି - ଆହୁରି ଗ୍ରୁପ ରହିଛି। ଭାରତରେ ୧୯୫୪ ମସିହାରେ ଲିଲା ମୁଲଗୋକର ବମ୍ବେରେ ରକ୍ତଦାନ ପ୍ରକ୍ରିୟା ଆରମ୍ଭ କରିଥିଲେ। ତାଙ୍କର ପୁତ୍ରର ଦୁର୍ଘଟଣାରୁ ଅନୁପ୍ରାଣିତ ହୋଇ ଏହି ପ୍ରକ୍ରିୟା ଆରମ୍ଭ କରିଥିଲେ। ପରବର୍ତ୍ତି ପର୍ଯ୍ୟାୟରେ ଏହି ରକ୍ତଦାନ କ୍ଷେତ୍ରରେ ମଧ୍ୟ ଅନେକ ଉନ୍ନତି ପରିଲକ୍ଷିତ ହୋଇଛି। ରକ୍ତକୁ ପରିକ୍ଷା କରି ରୋଗୀକୁ ରକ୍ତ ଦିଆଯାଇଥାଏ। ରକ୍ତଦାନ ପାଇଁ ସଚେତନତା ବଢ଼ିଛି ହେଲେ ସେତିକି ହୋଇପାରିନାହିଁ। ଦୁର୍ଘଟଣା, ଗର୍ଭବତି ମହିଳା, କେନସର ଇତ୍ୟାଦି ରୋଗୀମାନଙ୍କୁ ନିୟମିତ ରକ୍ତ ଲାଗୁଥିବା ବେଳେ ବଂଶାନୁକ୍ରମିକ ଥାଲାସେମିଆ ଏବଂ ସିକିଲସେଲ ରୋଗୀମାନଙ୍କୁ ନିୟମିତ ରକ୍ତ ଏବଂ ଏହାର ଉପାଦାନ ଗୁଡାକ ଲାଗିଥାଏ। ବୟସ ୧୮ ରୁ ୬୫ ବର୍ଷ ମଧ୍ୟରେ ୪୫ କେଜିରୁ ଊର୍ଦ୍ଧ୍ୱ ହୋଇଥିବ ସେମାନେ ରକ୍ତଦାନ କରି ପାରିବେ। ହେମୋଗ୍ଲୋବିନ ଓ ଶାରିରିକ ଓ ମାନସିକ ସ୍ତରରେ ସୁସ୍ଥ ଥିବା ଦରକାର।

ଗୋଟିଏ ରକ୍ତରେ ତିନିଜନତାଙ୍କ ଜୀବନ ବଞ୍ଚାଯାଇପାରିବ। ଗୋଟିଏ ପ୍ଲାଜମା ଓ ଗୋଟିଏ ୟେସଲେଟ କରାଯାଇ ତିନୋଟି ରୋଗିକୁ ଦିଆଯାଇପାରିବ। ରକ୍ତଦାତା ଅନେକ ଫାଇଦା ମିଳିଥାଏ। ରକ୍ତ ପରୀକ୍ଷା କରାଯାଏ, କ୍ଷତିକାରକ ଆଇରନ କମ ହୋଇଥାଏ, ହୃଦଘାତର ଆଶଙ୍କା କମିଯାଏ, କେନସର ହେବାର ଆଶଙ୍କା ମଧ୍ୟ କମିଯାଏ। ଦେଶରେ ପ୍ରତ୍ୟେକ ବର୍ଷ ୧୫ ମିଲିୟନ ରକ୍ତର ଆବଶ୍ୟକ ପଡ଼ିଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ଅନୁଯାୟୀ ଭାରତ ମାତ୍ର ୧ ପ୍ରତିଶତ ଲୋକ ହିଁ ରକ୍ତଦାନ କରନ୍ତି ଯାହାଫଳରେ ଆମ ଦେଶରେ ରକ୍ତର ଅଭାବ ପରିଲକ୍ଷିତ ହୁଏ। ଓଡ଼ିଶାରେ ଗତବର୍ଷ ୫୧୩୪୦୪ ୟୁନିଟ ରକ୍ତର ଆବଶ୍ୟକତା ପଡ଼ିଥିଲା। ଯେଉଥିରୁ ସ୍ୱେଚ୍ଛାକୃତ ରକ୍ତଦାତାଙ୍କଠାରୁ ୩୫୭୨୨୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ଅବଶିଷ୍ଟ ୧୫୬୧୭୭ ୟୁନିଟ ରୋଗୀର ସମ୍ପର୍କିୟ କିମ୍ବା ବନ୍ଧୁବାନ୍ଧବଙ୍କଠାରୁ ସଂଗ୍ରହ କରାଯାଇଛି। ଓଡ଼ିଶାରେ ସରକାରୀ ଏବଂ ବେସରକାରି ଉଭୟ ମିଶି ୮୭ରୁ ଊର୍ଦ୍ଧ୍ୱ ରକ୍ତଭଣ୍ଡାର ରହିଛି। ରକ୍ତଦାତା ବଢେଇବା ପାଇଁ ସରକାର ତଥା ବିଭିନ୍ନ ସମାଜିକ ଅନୁଷ୍ଠାନ ତରଫରୁ ଲୋକମାନଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ପ୍ରକାର ପ୍ରୟାସ କରାଯାଉଛି। ନୋବେଲ ପୁରସ୍କାର ବିଜେତା କାଲ ଲେଣ୍ଡଷ୍ଟେଜରଙ୍କ ଜନ୍ମଦିନକୁ ସ୍ମରଣୀୟ କରିବାପାଇଁ ୨୦୦୫ ମସିହାରୁ ବିଶ୍ୱ ସ୍ୱାସ୍ଥ୍ୟ ସମ୍ମିଳନୀ ପକ୍ଷରୁ ସାରା ବିଶ୍ୱରେ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବାପାଇଁ ବିଶ୍ୱରକ୍ତଦାତା ଦିବସ ଆରମ୍ଭ କରାଯାଇଥିଲା। ଯାହାକି ଚଳିତ ବର୍ଷ ଆମେ ୨୦ତମ ବିଶ୍ୱରକ୍ତଦାତା ଦିବସ ପାଳନ କରିବାକୁ ଯାଉଛୁ। ଚେଷ୍ଟା କରାଯିବା ସତ୍ତ୍ୱେ ଆମେ ୧୦୦ ପ୍ରତିଶତ ରକ୍ତଦାତା ପାଇପାରୁନାହୁଁ। ଥାଲାସେମିଆ ରୋଗୀମାନେ ମାସକୁ ୩ୟୁନିଟରୁ ୪ୟୁନିଟ ପର୍ଯ୍ୟନ୍ତ ରକ୍ତର ଆବଶ୍ୟକ ପଡୁଛି। ମୋ ଜାଣିବାରେ କେତେକ ଥାଲାସେମିଆ ରୋଗୀ ଅଛନ୍ତି ଯେଉଁମାନେ ୫୦୦ ୟୁନିଟରୁ ଅଧିକ ରକ୍ତ ଗ୍ରହଣ କରିସାରିଛନ୍ତି। ଯେଉଁମାନେ ରକ୍ତଦାନ କରିବାପାଇଁ ସାମର୍ଥ୍ୟ ଅଟନ୍ତି ସେମାନେ ନିହାତି ରକ୍ତଦାନ କରିବା କଥା। ପୁରୁଷ ମାନେ ବର୍ଷକୁ ୪ଥର ଏବଂ ମହିଳାମାନେ ବର୍ଷକୁ ୩ ଥର ରକ୍ତଦାନ କରିପାରିବେ। ଶେଷରେ ଯେଉଁମାନେ ନିୟମିତ ରକ୍ତଦାନ କରୁଛନ୍ତି ଏବଂ ରକ୍ତଦାନ ଶିବିର ଆୟୋଜନ କରୁଛନ୍ତି ସମସ୍ତଙ୍କ ହୃଦୟରୁ ପ୍ରଣାମ କରିବା ସହିତ ଧନ୍ୟବାଦ ଅର୍ପଣ କରୁଛି। ରକ୍ତଭଣ୍ଡାର ଗୋଟିଏ ପବିତ୍ର ଜାଗା ଉଯଉଁଠାରେ କଳା, ଗୋରା ଦେଖାଯାଏନାହିଁ। ଧନୀ ଗରିବ ଦେଖାଯାଏନାହିଁ। ହିନ୍ଦୁ, ମୁସଲିମ, ଶିଖ ଇସାହି ଦେଖାଯାଏନାହିଁ କେବଳ ଲାଲ ରଙ୍ଗର ରକ୍ତର ରକ୍ତହିଁ ଦେଖାଯାଏ। ତେଣୁ ଏ ପବିତ୍ର ରକ୍ତଭଣ୍ଡାରକୁ ଯାଇ ସମସ୍ତେ ସ୍ୱେଚ୍ଛାକୃତ ରକ୍ତଦାନ କରି ଅନ୍ୟଜଣଙ୍କ ଜୀବନ ବଞ୍ଚାଇବାରେ ଗୋଟିଏ ପରିବାର ମୁହଁରେ ହସ ଫୁଟାଇବାପାଇଁ ଆଗେଇ ଆସିବା ଉଚିତ୍ ବୋଲି ସାମାଜିକ କର୍ମୀ ରାମଦାସ ପଣ୍ଡା ସୂଚନା ଦେଇଛନ୍ତି।



# ମିଗଜୋମ କ୍ଷୟକ୍ଷତି ବୀମାରାଶି ପ୍ରଦାନ ଦାବି



**ବରଗଡ଼, ୧୩।୬(ସମିସ):** ବିଗତ ବର୍ଷରେ ମିଗଜୋମ ଜନିତ ଫସଲ କ୍ଷୟକ୍ଷତି ପାଇଁ ଚାଷୀମାନଙ୍କୁ ବୀମା ରାଶି ପ୍ରଦାନ କରିବାକୁ ଦାବି ହୋଇଛି। ଏ ନେଇ ସୋମବାର ଭେଡେନ ବ୍ଲକ କୁତପାଲି ଗ୍ରାମର ଚାଷୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ମିଗଜୋମ ଜନିତ ଫସଲ କ୍ଷତି ହୋଇଥିବା ବହୁ ଚାଷୀ ଏ ଯାଏଁ ବୀମା ରାଶି ପାଇ ନ ଥିବା ଚାଷୀମାନେ ଅଭିଯୋଗ କରିଥିଲେ। ସେ ସମୟରେ ପ୍ରଶାସନକୁ ଜଣାଇଥିଲେ ଏବଂ ପ୍ରଶାସନ ରାଜସ୍ୱ ନିରୀକ୍ଷକ ମାଧ୍ୟମରେ ସର୍ଭେ କରାଯାଇଥିଲା। ତା ସତ୍ତ୍ୱେ ମଧ୍ୟ ଚାଷୀମାନଙ୍କୁ ଫସଲ କ୍ଷତି ପାଇଁ ବୀମା ରାଶି ପ୍ରଦାନ କରାଯାଇ ନାହିଁ। ଯାହାକୁ ନେଇ କୁତପାଲି ଗ୍ରାମର ନରୋତ୍ତମ କରନ, ଅଚ୍ୟୁତାନନ୍ଦ କ୍ଷେତି, ଗୋପାଳ ନାଏକ, ଲିଲାବତୀ କ୍ଷେତି ସମେତ ବହୁ ଚାଷୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ରାଶି ପ୍ରଦାନ କରିବାକୁ ଦାବି କରିଛନ୍ତି।

### ବରଗଡ଼ରେ କେନ୍ଦ୍ରୀୟ ଜଳ କମିଶନ ଟିମ୍

# ଗଭୀର ନଳକୂପ ଚାଷକ୍ଷେତ୍ର ପରିଦର୍ଶନ

**ବରଗଡ଼, ୧୩।୬(ସମିସ)**

କେନ୍ଦ୍ରୀୟ ଜଳ କମିଶନ(ସିଡବ୍ଲୁସି)ର ଏକ ପ୍ରତିନିଧି ମଣ୍ଡଳୀ ବରଗଡ଼ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ପ୍ରକାର ଚାଷ ଅନୁଧ୍ୟାନ କରି ଗଭୀର ନଳକୂପ ମାଧ୍ୟମରେ ହେଉଥିବା ଚାଷଜମି ପରିଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିଥିଲେ। ବୁର୍ଲା ସିଡବ୍ଲୁସିର ନିର୍ବାହୀ ଯନ୍ତ୍ରୀ ଆର.ରାମ ପ୍ରସାଦଙ୍କ ନେତୃତ୍ୱରେ ଆସିଥିବା ଟିମ ବରଗଡ଼ ସଦର ବ୍ଲକର ପୋଡ଼ପାଲି, କଳାପାଣି ଓ ତେନ୍ତଲା ଏବଂ ଭଟଲି ବ୍ଲକର ବାଉଲସିଂହା ଓ ପୋଡ଼ମୁଣ୍ଡା ଆଦି ଗ୍ରାମ ପରିଦର୍ଶନ କରି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଗଭୀର ନଳକୂପ ସାହାଯ୍ୟରେ ମକା, ଚିନାବାଦାମ, ବାଇଗଣ, ପୋଟଳ ଆଦି ଚାଷ ହେଉଥିବା ଓ ବର୍ତ୍ତମାନର ୪୫ ଡିଗ୍ରୀ ତାପମାତ୍ରା ସତ୍ତ୍ୱେ ଚାଷୀମାନେ କୋବି ଫଳାଇବାରେ ସଫଳ ହୋଇପାରିଥିବାରୁ ଏଥିରେ ତାଙ୍କୁ ଗଭୀର ନଳକୂପ ହିଁ ସହାୟତା କରିଥିବାରୁ ସିଡବ୍ଲୁସି ଅଧିକାରୀମାନେ ସନ୍ତୋଷ ବ୍ୟକ୍ତ କରିଥବା ବରଗଡ଼ ଜିଲ୍ଲା ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ.ସୂର୍ଯ୍ୟ ନାରାୟଣ ତ୍ରିପାଠୀଙ୍କ ସୂତ୍ରରୁ ଜଣାପଡ଼ିଛି। ଏହି ଟିମରେ କେନ୍ଦ୍ରୀୟ ଭୂତଳ ଜଳ ବୋରୱେଲର ବୈଜ୍ଞାନିକ ତରୁଣ ମିଶ୍ର, ସିଡବ୍ଲୁସିର ସହକାରୀ ନିର୍ଦ୍ଦେଶକ ବିବି ନାଏକ ପ୍ରମୁଖ ସାମିଲ ଥିବା ବେଳେ ବରଗଡ଼ ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ.ତ୍ରିପାଠୀ ଓ ଅତିରିକ୍ତ ଯନ୍ତ୍ରୀ ଶ୍ରୀକାନ୍ତ ରାଉତଙ୍କ ନେତୃତ୍ୱରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଗସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





# ଅସହାୟ ବ୍ୟକ୍ତିଙ୍କୁ ଉଦ୍ଧାର କଲେ ସମାଜସେବୀ ସଂଘମିତ୍ରା

**ବରଗଡ଼, ୧୩।୬(ସମିସ):** ଆଜି ବି ସମାଜ ରେ ମଣିଷ ପଣିଆ ବଞ୍ଚିଛି। କାହାର ଦୁଃଖ କଷ୍ଟ ଦେଖିଲେ ସହି ନ ପାରି ଆଗକୁ ବଢ଼ି ଆସି ସହଯୋଗ କରିଥାନ୍ତି ଆଉ ତା ବଦଳରେ ପାଇଥାନ୍ତି ଆତ୍ମସନ୍ତୋଷ। ବରଗଡ଼ ସହରର ଗାନ୍ଧୀ ଛକରେ ଅସହାୟ ଭାବେ ପଡ଼ିରହିଥିବା ଏକ ଅଜଣା ବ୍ୟକ୍ତିଙ୍କୁ ଉଦ୍ଧାର କରି ହୀରାକୁଦ ସ୍ଥିତ 'ଗୁରୁକୂଳ' ଆଶ୍ରମରେ ଛାଡ଼ିଛନ୍ତି ବରଗଡ଼ର କେତେକ ସମାଜସେବୀ। ନିଶ, ଦାଢ଼ି, ଓ ବାଳ ବଢ଼ି ଯାଇ ଅପରିଷ୍କାର ଓ ମଇଳା ବସ୍ତ୍ରରେ ଦୁର୍ଗନ୍ଧରେ ନାକ ଫାଟି ପଡୁଥିବା ଏହି ବ୍ୟକ୍ତି ପାଖକୁ କେହି ଯାଉ ନଥିଲେ। ସମସ୍ତେ ଦୂର ରୁ ଦେଖି ପଳାଇ ଯାଉଥିଲେ। ଠିକ୍ ରେ କଥା କହି ପାରୁ ନ ଥିବା ଏହି ବ୍ୟକ୍ତି ଜଣକଗଛ ତଳେ ପଡ଼ି ରହିଥିଲେ। ଏମିତି ସମୟରେ ବରଗଡ଼ ବିଶିଷ୍ଟ ସମାଜସେବୀ ସଙ୍ଘମିତ୍ରା ପଟେଲ ଖବର ପାଇ ପଡ଼ିରହିଥିବା ଅସହାୟ ଅଜଣା ବ୍ୟକ୍ତିଙ୍କୁ ଉଦ୍ଧାର କରି 'ଗୁରୁକୁଳ' ଆଶ୍ରମରେ ଛାଡ଼ି ଥିବା ଜଣାଯାଇଛି। ଆଶ୍ରମରେ ଚିକିତ୍ସା ସହ ଖାଇବା ପିଇବା ଓ ରହିବାର ବ୍ୟବସ୍ଥା ଅଛି। ସୁସ୍ଥ ହୋଇ ନିଜର ପରିଚୟ ଦେଲେ ତା ପରିବାର ପାଖକୁ ପଠାଇ ଦିଆ ଯିବ ବୋଲି ଗୁରୁକୂଳ ପକ୍ଷରୁ କୁହାଯାଇଛି। ଏହି ମହତ କାର୍ଯ୍ୟରେ ସଂଘମିତ୍ରାଙ୍କୁ ସହଯୋଗ କରିଥିଲେ ଆଶିଷ କିରଣ ମହାପାତ୍ର, ପୁସ୍ତମ ପାଠକ ଓ ବିକାଶ ରାଉଳ।



# ଇମ୍ପେରିଆଲ କଲେଜ ବିବିଏ ଛାତ୍ରୀ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଟପ୍ପର





**ବରଗଡ଼, ୧୩।୬( ସମିସ) :** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ବିବିଏ ବୃତ୍ତିଗତ ଶିକ୍ଷା ପରୀକ୍ଷାରେ ଇମ୍ପେରିଆଲ କଲେଜର ଛାତ୍ରୀ ସଜିଆ ଶାହିନ୍ ୯.୧୬ ସିଜିପିଏ ସହ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ତରରେ ପ୍ରଥମ ସ୍ଥାନ ଏବଂ ସଲୋନୀ ଅଗ୍ରୱାଲ ୮.୨ ସିଜିପିଏ ସହ ସପ୍ତମ ସ୍ଥାନରେ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସଜିଆ ଶାହିନ୍ ଓ ସଲୋନୀ ଅଗ୍ରୱାଲ ଫେୟାର୍ ଡେବ୍ଟ କଂପାନୀରେ କ୍ୟାମ୍ପସ ସିଲେକସନ ମାଧ୍ୟମରେ ନିଯୁକ୍ତି ପାଇସାରିଛନ୍ତି। ଇମ୍ପେରିଆଲ କଲେଜର ଛାତ୍ରଛାତ୍ରୀମାନେ ଲଗାତାର ଭାବରେ ବିସିଏ ଓ ବିବିଏ ପରୀକ୍ଷାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଟପ୍ପର ତାଲିକାରେ ସ୍ଥାନ ପାଇ ଆସୁଛନ୍ତି। ଏହି ସଫଳତା ପାଇଁ କଲେଜର ଚେୟାରମେନ ଦିପକ ଗୋୟଲ ଏବଂ ଅଧ୍ୟକ୍ଷ ଦୁର୍ଗେଶ ଶତପଥୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମାର୍ଜିନା ଫୋକ୍ ଥିଏଟର ମହୋତ୍ସବ ଉଦ୍‌ଘାଟିତ

**ପଦ୍ମପୁର, ୧୩।୬ (ସମିସ):** ପଦ୍ମପୁର ଉପଖଣ୍ଡ ସଚେତନ ହେମା ନାଟ୍ୟ ସଂଗଠନ ଢୋଲବନ୍ଧ ଓ ସଂସ୍କୃତି ବିଭାଗ ଭାରତ ସରକାରଙ୍କ ସହଯୋଗରେ ଆୟୋଜିତ ମାର୍ଜିନା ଫୋକ ଥିଏଟର ମହୋତ୍ସବରେ ପ୍ରଥମ ସନ୍ଧ୍ୟାରେ ଅତିଥି ଭାବରେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କୃତ କଳାକାର ଆନନ୍ଦ ବାଗ, ରାଜେଶ ବହିଦାର, ଜିତେନ୍ଦ୍ରିୟ ସାହୁ, ଘନଶ୍ୟାମ ଭୋଇ, ନାଟ୍ୟକାର ରାଜକୁମାର ସାହୁ ମଞ୍ଚାସୀନ ଥିଲେ। ଅତିଥି ମାନେ ମହୋତ୍ସବର ପ୍ରଶଂସା କରିଥିବା ବେଳେ ନାଟ୍ୟକାର ରାଜକୁମାର ସାହୁ ଅନୁଷ୍ଠାନଟି ସମାଜରେ ଲୁଚି ଯାଉଥିବା ନାଟ୍ୟକଳାର ସଂରକ୍ଷଣ ପ୍ରତି ଅନୁଷ୍ଠାନର ପ୍ରଚେଷ୍ଟା କରିବ ବୋଲି କହିଥିଲେ। ଜଣେ ସାଧାରଣ ମଣିଷ ହିଁ କୌଣସି କଳାକୁ ବଞ୍ଚାଇ ରଖେ ବୋଲି ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। ବଜରଙ୍ଗବଳି କଳା ପରିଷଦ ବିଶିପାଲିର କଳାକାରମାନେ କୀର୍ତ୍ତନ୍ୟାମୃତ ପରିବେଷଣ କରିଥିଲେ। ଗାୟିକା ସ୍ୱପ୍ନେଶ୍ୱରୀ ସାହୁ ଓ ଆଲିଶା ସାହୁଙ୍କ ଯୋଡ଼ିକୁ ଦର୍ଶକମାନେ ଖୁବ ପସନ୍ଦ କରିଥିଲେ। ଦଳମୁଖ୍ୟ କୁଳମଣି ସାହୁ, ଗାୟକ ଓ ବାଦକଙ୍କୁ ସମ୍ମାନିତ କରାଯାଇଥିଲା। ଦୀର୍ଘ ଚାରିଦିନ ଧରି ହେବାକୁ ଥିବା ଏହି ମହୋତ୍ସବକୁ ବୈଶାଖୁ ମେହେର ଉଦଘୋଷଣା କରିଥିବା ବେଳେ ଧର୍ମେନ୍ଦ୍ର ସାହୁ, ମହେନ୍ଦ୍ର ସାହୁ, ତାରାକାନ୍ତ ସାହୁ, କୁଳମଣି ପଶାୟତ, ଲାଲସାହେବ ସାହୁ, ସଞ୍ଜୀବ ସାହୁ, ରସିକ ବରିହା, କଳ୍ପ ସାହୁ, ପଲଟନ ମହାକୁଡ଼, ପ୍ରଦୀପ ମହାପାତ୍ର, ରଞ୍ଜାଳ ବାଗ, ଜ୍ୟୋତି ସାହୁ, ଚାନ୍ଦିନୀ ସାହୁ, ନନ୍ଦିନୀ ସାହୁ, ବେଣୁଧର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନ୍ୟ ଦିନ ଲକ୍ଷ୍ମୀପୂରାଣ ଓ ଡାଲଖାଇ ନୃତ୍ୟ ପରିବେଷଣ ହେବ ବୋଲି ସଂଯୋଜକ କୁଳମଣି ପଶାୟତ ସୂଚନା ଦେଇଛନ୍ତି।




# ଖବର ପ୍ରକାଶ ପରେ ସହଯୋଗର ହାତ ବଢ଼ାଇଲେ ପ୍ରାଧ୍ୟାପକ ବିରଞ୍ଚି ସାହୁ

**ଦହିତା, ୧୩।୬ (ସମିସ):** ପଦ୍ମପୁର ବ୍ଲକ ଦହିଗାଁ ଗ୍ରାମର ଦୁଆରୁ ବରିହା ଓ ଲକ୍ଷ୍ମୀ ବରିହାଙ୍କ ଦୟନୀୟ ସ୍ଥିତି ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ତାଙ୍କର ଆର୍ଥିକ ସ୍ଥିତି ଶୋଚନୀୟ ଥିବାରୁ ଚିକିତ୍ସା ପାଇଁ ବାଧକ ସୃଷ୍ଟି ହୋଇଛି। ଖବର ପାଇ ଅଞ୍ଚଳ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ବିରଞ୍ଚି ସାହୁ ଦହିଗାଁ ଯାଇ ସମ୍ପୃକ୍ତ ପରିବାରକୁ ଭେଟିଥିଲେ। ପ୍ରକୃତରେ ସେମାନେ ଆର୍ଥିକ ଅନାଟନରେ ଗତି କରୁଥିବା ଉପଲବ୍ଧି କରି କିଛି ଆର୍ଥିକ ସହଯୋଗ କରିଥିଲେ। ତାଙ୍କର ଦୟନୀୟ ସ୍ଥିତି ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି।



# ବିକାଶ ଡିଗ୍ରୀ କଲେଜ ଛାତ୍ର ସ୍ୱନ୍ଦନ ମିଶ୍ରଙ୍କ ସଫଳତା

**ବରଗଡ଼, ୧୩।୬( ସମିସ) :** ଚଳିତ ବର୍ଷ ସମ୍ବଲପୁର ବିଶ୍ୱବିଦ୍ୟାଳୟର +୩ କଳା ଶିକ୍ଷା ସମ୍ମାନ ସ୍ନାତକ ବିଭାଗରେ ବିଶ୍ୱବିଦ୍ୟାଳୟରେ ଶୀର୍ଷ ସ୍ଥାନ ହାସଲ କରିଥିବା ଛାତ୍ର ସ୍ୱନ୍ଦନ ମିଶ୍ର ସିୟୁଇଟି ପରୀକ୍ଷାରେ ୯୯.୮୩ ପ୍ରତିଶତ ରଖି ପ୍ରତିଷ୍ଠିତ ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟରେ ସ୍ନାତକୋତ୍ତର ବିଭାଗରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବିଶ୍ୱବିଦ୍ୟାଳୟ ସ୍ତରରେ ୯.୨୪ ସିଜିପିଏ ରଖି ଶୀର୍ଷ ସ୍ଥାନ ଅଧିକାର କରିଥିବା ବେଳେ ଏବେ ଜାତୀୟ ସ୍ତର ସିୟୁଇଟି ପରୀକ୍ଷାରେ ୩୦୦ ରୁ ୨୩୨ ମାର୍କ ରଖିଥିଲେ ଏବଂ ପ୍ରଥମ ରାଉଣ୍ଡରେ ୫ମ ରେଙ୍କ ରଖିଛନ୍ତି। ସ୍ୱନ୍ଦନ ମିଶ୍ର ହେଉଛନ୍ତି ବରଗଡ଼ କଲେକ୍ଟରେଟ୍‌ରେ କାର୍ଯ୍ୟରତ ସରକାରୀ କର୍ମଚାରୀ କୃଷ୍ଣହରୀ ମିଶ୍ର ଏବଂ ଶିକ୍ଷୟିତ୍ରୀ ଶର୍ମିଳା ମିଶ୍ରଙ୍କ ସନ୍ତାନ। ଫଳାଫଳ ପ୍ରକାଶ ହେବା ପରେ ଖୁସିର ଲହରୀ ଦେଖିବାକୁ ମିଳିଛି। ବିକାଶ ଗ୍ରୁପ ଅଫ୍ ଇଂଷ୍ଟିଚ୍ୟୁସନ୍ସର ଏକଜିକ୍ୟୁଟିଭ୍ ଡାଇରେକ୍ଟର ଡି. ନାଗେଶ୍ୱର ରାଓ କୃତୀ ଛାତ୍ରଙ୍କୁ ସମ୍ମାନିତ କରି ଆଗକୁ ଯିବା ପାଇଁ ଦିଗଦର୍ଶନ ଦେଇଥିବା ବେଳେ କଲେଜର ଅଧ୍ୟକ୍ଷ ପ୍ର. ସତ୍ୟବ୍ରତ ମିଶ୍ର ଓ ଉପାଧ୍ୟକ୍ଷ ଆର୍.ଏସ୍.ଭି. କ୍ରିଷ୍ଣା ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି।



# ରାସ୍ତାକାମ ବନ୍ଦ ନେଇ କୁଟେନପାଲି ଓ ଜାମଡୋଲରେ ଉତ୍ତେଜନା

**ଭେଡେନ, ୧୩।୬ (ସମିସ):** ଭେଡେନ ଗ୍ରାମପଞ୍ଚାୟତର ଜାଣ୍ଡୋଲ ଗ୍ରାମ ସ୍ଥିତ ହନୁମାନ ମନ୍ଦିର ଛକରୁ କୁଟେନପାଲି ପର୍ଯ୍ୟନ୍ତ କେନାଲ ରାସ୍ତା ନିର୍ମାଣ କରାଯାଉ ଥିବା ବେଳେ ଏହି ରାସ୍ତାରେ ଜୈନେକ ବ୍ୟକ୍ତି ନିଜର ଚାଷଜମି ଅଛି କହି ରାସ୍ତାକାମ ବନ୍ଦ କରିଦେଇଥିଲେ। ଫଳରେ ଗୁରୁବାର ଦିନ ଜାଣ୍ଡୋଲ ଏବଂ କୁଟେନପାଲି ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା ଗ୍ରାମବାସୀ ମାନେ ରାସ୍ତା ଅବରୋଧ କରି ମଧ୍ୟାହ୍ନରେ ଉଭୟ ଗ୍ରାମର ଶତାଧିକ ବ୍ୟକ୍ତି ଭେଡେନ ତହସିଲ ଅଫିସକୁ ଆସି ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ତହସିଲଦାର ଜମିମାପ କରିବାକୁ ଭେଡେନ ଆରଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନରେ ରାସ୍ତାମାପ ପରେ ଏହା କେନାଲ ରାସ୍ତା ହୋଇଥିବା ଜଣାପଡ଼ିଥିଲା। ତେଣୁ ରାସ୍ତା ନିର୍ମାଣ କାମ ଆରମ୍ଭ କରିବାକୁ ଉଭୟ ଗ୍ରାମବାସୀ ଲିଖିତ ଭାବେ ନିଷ୍ପତି ନେଇଥିଲେ।



# ମନ୍ଦିର ବାହୁଡିଲେ ଦେବଦମ୍ପତି



**ପଦ୍ମପୁର, ୧୩।୬ (ସମିସ):** ପଦ୍ମପୁର ରାମେଶ୍ୱର ବାବାଙ୍କ ଶୀତଳ ଷଷ୍ଠୀ ମହୋତ୍ସବ ଗୁରବାର ଅନ୍ତିମ ଦିନରେ ପହଞ୍ଚିଛି। ଦୀର୍ଘ ୭ ଦିନ ଧରି ଚାଲିଥିବା ବେଳେ ଆଜି ଦିବା ୧୧ ଟାରେ ଦେବ ଦେବ ମହାଦେବ ଓ ଜଗତଜନନୀ ମାଁ ପାର୍ବତୀ ଏକ ଶୋଭାଯାତ୍ରାରେ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଛନ୍ତି। ହିମାଦ୍ରୀ ନଗରସ୍ଥିତ କନ୍ୟା ଘରେ ମାହେନ୍ଦ୍ର ବେଳା ଶୁଭଲଗ୍ନରେ ବିବାହ ସମାପନ ହୋଇଥିଲା। ଆଜି ଦେବଦମ୍ପତିଙ୍କ ଲେଉଟାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ରୀତିନୀତି ଅନୁସାରେ ପଣ୍ଡିତ ରଘୁନାଥ ତ୍ରିପାଠୀ ମନ୍ତ୍ର ପାଠ କରିଥିଲେ। ରାମେଶ୍ୱର ବାବାଙ୍କ ମାତା ପିତା ହୋଇଥିବା ସେବକ ମେହେର ଓ ମାଧବୀ ମେହେର କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ସଭାପତି ଭୋଜରାଜ ସିଂ ବରିହା, କାର୍ଯ୍ୟକାରୀ ସଭାପତି ହରିଶଙ୍କର ଅଗ୍ରୱାଲ, ସମ୍ପାଦକ ଅଚ୍ୟୁତା ସେଠ୍, ଆଶିଷ ବଂଶଲ, ଭଜନ ଅଗ୍ରୱାଲ, ମହେଶ ବେହେରା, ଆକାଶ ଅଗ୍ରୱାଲ, ଉପଦେଷ୍ଟା ବେଣୁମାଧବ ଦୋରା, ଅଜିତ ପାତ୍ର, ଅକ୍ଷୟ ସାହୁ, କୁନୁ ସେଠ୍, ନିକେଶ ନାଏକ ମୁକେଶ ସାହୁ, ସୁଦାମ ଦାନୀ ରାଣା ଭୋଇ, ଲିଙ୍ଗରାଜ ନିଆଲ, ଆକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଭୁଲ୍ କୃଷିନୀତି ଯୋଗୁଁ ଚାଷୀ ଋଣଗ୍ରସ୍ତ

# ଧାନ କୁଇଣ୍ଟାଲ ୪ ହଜାର କରାଯାଉ

**ବରଗଡ଼, ୧୩।୬(ସମିସ)**

ସରକାରଙ୍କ ଭୁଲ କୃଷିନୀତି ଯୋଗୁଁ ଭାରତରେ ଚାଷୀ ଋଣ ଗସ୍ତ ହେଉଛନ୍ତି ବୋଲି ସଂଯୁକ୍ତ କୃଷକ ସଂଗଠନ ତରଫରୁ କୁହାଯାଇଛି। ଏହା ସହ ଧାନର କୁଇଣ୍ଟାଲ ପିଛା ଦର ୪ ହଜାର ଟଙ୍କା କରିବାକୁ ଦାବି କରାଯାଇଛି। ଏ ନେଇ ସଂଯୁକ୍ତ କୃଷକ ସଂଗଠନ ତରଫରୁ ବରଗଡ଼ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଭାରତ ଏକ କୃଷି ପ୍ରଧାନ ଦେଶ ହୋଇଥିବା ବେଳେ ଓଡ଼ିଶାରେ ୭୦ ରୁ ୮୦ ଭାଗ ଲୋକ ଚାଷ ଉପରେ ନିର୍ଭରଶୀଳ। ସମଗ୍ର ଦେଶରେ ୧୮ ଲକ୍ଷ ୫୦ ହଜାର କୋଟି ଟଙ୍କା କୃଷି ଋଣ ରହିଥିବା ବେଳେ ଓଡ଼ିଶାରେ ମଧ୍ୟ ୨୧ ହଜାର କୋଟି କୃଷି ଋଣ ରହିଛି। ଦେଶରେ ଡିମଡିମି ପିଟୁଥିବା ସରକାରଙ୍କ ଭୁଲ କୃଷିନୀତି କାରଣରୁ ଚାଷୀ ଋଣଗ୍ରସ୍ତ, ଚାଷ ଛାଡ଼ି ଦାଦନାଭିମୁଖୀ ନହେଲେ ଆତ୍ମହତ୍ୟା କରିବାକୁ ବାଧ ହେଉଛି। କୃଷକର ଅବନତି କାରଣ ନିଦାନ କରି ସମାଧାନ କରିବା ପାଇଁ ଗଠିତ ସ୍ୱାମୀନାଥନ କମିଟି ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକାରୀ ନହେବା, ସରକାର ମାନଙ୍କ ମିଛ ପ୍ରତିଶୃତି ଏବଂ ଭୁଲ ତଥ୍ୟ କୃଷକ ମାନଙ୍କ ଉନ୍ନତିରେ ବାଧାସୃଷ୍ଟି ହେଉଥିବା ମନେ ହୁଏ। କେନ୍ଦ୍ର ସରକାରଙ୍କ ୨୦୨୨ ସୁଦ୍ଧା କୃଷକର ଆୟ ଦୁଇଗୁଣ ହେଉ କିମ୍ବା ଏମ୍‌ଏସପି ୨୯୩୦ ଟଙ୍କା କୃଷକଙ୍କ ପାଇଁ ଛଳନା ପାଲଟିଛି। ଗତ କେନ୍ଦ୍ର ସରକାର ଆଣିଥିବା ତିନି କୃଷି ଆଇନ ବିରୋଧରେ ଦୀର୍ଘ ୧୩ ମାସ ଆନ୍ଦୋଳନ ପରେ ଦୁଇପାକ୍ଷିକ ଆଲୋଚନାରେ ଯେଉଁ କିଛି ପ୍ରସ୍ତାବ ପାରିତ ହୋଇଥିଲା ତାହା କାର୍ଯ୍ୟକାରୀ ହେଲାନାହିଁ। ଫଳରେ ଚାଷୀ ଚାଷ କରିବା ପାଇଁ ନିରୁତ୍ସାହିତ। ଏଣୁ କୃଷକ ମାନଙ୍କୁ ଉତ୍ସାହିତ କରିବା ପାଇଁ ଫସଲର ଉଚିତ ମୂଲ୍ୟ, ମୂଲ୍ୟ ଗ୍ୟାରେଣ୍ଟି, ବଜାର ବ୍ୟବସ୍ଥା, ପ୍ରାକୃତିକ ଦୁର୍ବିପାକ ରେ ସାହାଯ୍ୟ, ସୁଲଭ ମୂଲ୍ୟରେ କୃଷି ଯନ୍ତ୍ରପାତି, ସାର, ବିହନ ଔଷଧ ଆଦି ଯୋଗାଇବା ସରକାର ମାନଙ୍କ ପ୍ରାଥମିକ କର୍ତ୍ତବ୍ୟ ହେବା ଉଚିତ। ଧାନ ଫସଲର ମୂଲ୍ୟ ପରିପେକ୍ଷୀରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ତରଫରୁ ପ୍ରାୟ ହଜାରେ ଚାଷୀଙ୍କ ଏକର ପ୍ରତି ଖର୍ଚ୍ଚ ସର୍ଭେ କରାଯାଇଥିଲା। ଯେଉଁଥିରେ ରବି, ଖରିଫ ଏବଂ ଭାଗ ଚାଷୀ ଅନ୍ତର୍ଭୁକ୍ତ ହୋଇଛନ୍ତି। କୁଇଣ୍ଟାଲ ପ୍ରତି ଧାନ ର ଉତ୍ପାଦନ ଖର୍ଚ୍ଚ ୨୨ ଶହ ରୁ ୨୫ ଶହ ଟଙ୍କା ହେଉଥିବା ବେଳେ ନିର୍ବାଚନ ପୂର୍ବରୁ ମଜୁରୀ ବୃଦ୍ଧି କାରଣରୁ ଉତ୍ପାଦନ ଖର୍ଚ୍ଚ ଆହୁରୀ ବୃଦ୍ଧି ପାଇବ। ଏଣୁ ଧାନ କୁଇଣ୍ଟାଲ ୪ ହଜାର ଟଙ୍କା ନହେଲେ ଚାଷୀ ଚାଷ କରି ସୁସ୍ଥ ଜୀବନଯାପନ କରିପାରିବ ନାହିଁ ବୋଲି ସଂଯୁକ୍ତ କୃଷକ ସଂଗଠନ ତରଫରୁ କୁହାଯାଇଛି। ଏଣୁ ଚଳିତ ବର୍ଷ ଧାନ ଦର ନିର୍ଦ୍ଧାରଣ କରିବା ସମୟରେ ସିଏସିପି ସର୍ଭେକୁ ଗୁରୁତ୍ୱ ଦେଇ ୪ ହଜାର ଟଙ୍କା କରିବା ପାଇଁ ଦାବି କରାଯାଇଛି। ଏ ନେଇ ସଂଯୁକ୍ତ କୃଷକ ସଂଗଠନ ତରଫରୁ ଆବାହକ ରମେଶ ମହାପାତ୍ର ଏବଂ ସୁରେଶ ନିକାଣ୍ଟି ଜିଲ୍ଲାପାଳଙ୍କ ଜରିଆରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ରଙ୍କୁ କୃଷି କମିଶନଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି।



# ଡ୍ରାଇଭର, ସଫେଇ କର୍ମଚାରୀଙ୍କ ଧାରଣା



**ପଦ୍ମପୁର, ୧୩।୬(ସମିସ):** ପଦ୍ମପୁର ଏନଏସି ଅଧିନରେ ଥିବା ବେଟେରୀ ପରିଚାଳିତ ବାହାନ (ବିଓଭି ) ର ୧୦ ଜଣ ଡ୍ରାଇଭର ଗତ ୨ମାସ ହେଲା ଦରମା ପାଇନାହାନ୍ତି। ତେଣୁ ଆଜି ସକାଳୁ ସେମାନେ ଅଳିଆ ଗାଡ଼ି ନନେଇ ପଦ୍ମପୁର ଏନଏସି ସମ୍ମୁଖରେ ଧାରଣାରେ ବସିଥିଲେ। ସେମାନଙ୍କୁ ସମର୍ଥନ ଜଣାଇ ସୁଇପର ମାନେ ମଧ୍ୟ ଧାରଣାରେ ବସିଥିଲେ। ପରେ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ ସେମାନଙ୍କ ପାଖକୁ ଯାଇ ଆଲୋଚନା କରିଥିଲେ। କଟକର ପରିତୋଷ ନାମକ ସଂସ୍ଥା ଏହି ସଫେଇ କାର୍ଯ୍ୟର ଠିକା ନେଇଥିବା ବେଳେ ଉକ୍ତ ସଂସ୍ଥା ସହିତ ନିର୍ବାହୀ ଅଧିକାରୀ ଫୋନ ଯୋଗେ ଆଲୋଚନା କରିଥିଲେ। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ସେମାନଙ୍କ ପାଉଣା ମିଳିଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ କର୍ମଚାରୀ ମାନେ ଧାରଣାରୁ ଉଠିଥିଲା। ମାତ୍ର ଅଳିଆ ଆବର୍ଜନା ସଫା ହୋଇନଥିଲା। ପରେ ପଦ୍ମପୁର ଲାୟନସ୍ କ୍ଲବର ସଦସ୍ୟ ମାନେ ଉକ୍ତ ଆବର୍ଜନାକୁ ସଫା କରିଥିଲେ।

### ଚାରମାଲ ଯାଉଥିବା ପାଉଁଶ ଜାମଟାଲରେ ପଡ଼ିବା ଘଟଣା

# କାହା ଦାୟିତ୍ୱ ଥିଲା, ଜରିମାନା କରି କିଏ ଛାଡ଼ିଲା ?

ସମ୍ବଲପୁର, ୧୩।୬(ସମିସ)

ସମ୍ବଲପୁର ଜିଲ୍ଲା ଯୁଯୁମୁରା ତହସିଲ ହାତିବାରୀ ମୌଜା ଜାମଟାଲ ଗ୍ରାମ୍ୟ ଜଙ୍ଗଲ ନିକଟସ୍ଥ ଏକ ପଥରଖାଦାନରେ ବେଆଇନଭାବେ ପାଉଁଶ ପକାଇଥିବା ଅଭିଯୋଗ ଆଣି ଗ୍ରାମବାସୀ ଗାଡ଼ି ଗୁଡିକ ଅଟକ ରଖି ପୁଲିସକୁ ଜିମା ଦେଇଥିଲେ। ଦୁଇ ଦିନ ଥାନାରେ ପୁଲିସ ଗାଡି ଗୁଡିକ ରଖିବା ପରେ ଛାଡି ଦେଇଥିବା ଜଣାପଡ଼ିଛି। ପ୍ରାୟ ୧ ଲକ୍ଷ ୭୦ ହଜାର ଟଙ୍କା ୫ ହାଇୱା ଓ ଜେସିବି ଉପରେ ଜରିମାନା କରାଯାଉଥିବା ପୁଲିସ କହିଛି। ହେଲେ ଜରିମାନ କେଉଁ ବିଭାଗ କଲା କେଉଁ ବିଭାଗ ଏହି ବେଆଇନ କାମ ପାଇଁ ଉତ୍ତରଦାୟୀ ଥିଲେ ବୋଲି ପ୍ରଶ୍ନ ଉଠୁଛି। ଗ୍ରାମବାସୀ ପୁଲିସକୁ ଜିମା ଦେବା ପରେ ଘଟଣା ସ୍ଥଳରେ ବନ ବିଭାଗ, ରାଜସ୍ୱ ବିଭାଗ, ରାଜ୍ୟ ପ୍ରଦୂଷଣ ବିଭାଗ, ପରିବହନ ବିଭାଗ ପହଞ୍ଚି ତଦନ୍ତ କରିଥିବା ଲୋକମାନେ କହୁଛନ୍ତି। ହେଲେ ଏବେ ଉପରୋକ୍ତ ବିଭାଗ ଗୁଡ଼ିକ ଦାୟିତ୍ୱ ନଥିବା ଭଳିଆ ମନ୍ତବ୍ୟ ଦେଉଛନ୍ତି। ଜବତ ଗାଡି ଗୁଡିକ କାହିଁକି ଛାଡିଲେ କଣ କାର୍ଯ୍ୟନୁଷ୍ଠାନ ଗ୍ରହଣ କଲେ ଅଭିଯୋଗକାରୀ ମଧ୍ୟ ଜାଣି ପାରୁ ନାହାନ୍ତି। ଗ୍ରାମବାସୀ ଆହୁରି ଅଭିଯୋଗ କରିଛନ୍ତିଯେ, ପାଉଁଶ ଏକ ପଥର ଖାଦାନରେ ପଡୁଥିଲା। ଫଳରେ ପଥର ଖାଦାନରେ ପୋତି ହୋଇଯାଉଥିଲା। ପଥର ଖଦାନାରେ ଥିବା ପାଣି ଦୂଷିତ ହେଉଥିଲା। ଯାହାକୁ ଲୋକ ଓ ବନ୍ୟପ୍ରାଣୀ ବ୍ୟବହାର କରୁଥିଲେ। ଏବେ ଚାଲାକି କରି ଜଣେ ପୂର୍ବତନ ବିଧାୟକଙ୍କ ଭାଇ ଏହି ପାଉଁଶ ପରିବହନ କାମ କରୁଛନ୍ତି। ତେଣୁ ପଥର ଖାଦାନରେ ପକାଇ ନପାରିବାରୁ ଶେଷରେ ତାଙ୍କ ଜଣେ ଚିହ୍ନା ବ୍ୟକ୍ତିଙ୍କ ନାମରେ ନିକଟରେ ଥିବା ରୟତି ଜମି କିଣି ନେଇଛନ୍ତି। ଉକ୍ତ ରୟତି ଜମିରେ ମଧ୍ୟ ପାଉଁଶ ପକାଇ ଦିଆଯାଇ ରାତି ଅଧିଆ କାମ କରୁଛନ୍ତି। ପଥର ଖାଦାନକୁ ପୋତି ଦେବାକୁ ବସିଲେଣି। ରୟତି ଜମିରେ ପାଉଁଶ ପକାଇବା ପାଇଁ ମଧ୍ୟ ଅନୁମତି ନେବାକୁ ପଡ଼ିଥାଏ। ଏଭଳି ଜଙ୍ଗଲ ନିକଟରେ ଓ ଲୋକମାନଙ୍କ ବ୍ୟବହାରରେ ଆସୁଥିବା ପଥର ଖାଦାନ ଓ ଚାଷ ଜମି ନିକଟରେ କିଭଳି ପାଉଁଶ ପକାଇବାକୁ ଅନୁମତି ମିଳିଛି ବୋଲି ଅଭିଯୋଗ ହେଉଛି। ଉଚିତ ତଦନ୍ତ କରି ଉକ୍ତ କମ୍ପାନୀ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି ହୋଇଛି। ଜୁନ ୧୦ ତାରିଖ ଯୁଯୁମୁରା ତହସିଲ ହାତିବାରୀ ମୌଜାରେ ବେଆଇନ ଭାବେ ପାଉଁଶ ପକାଇଥିବା ନେଇ ଅଭିଯୋଗ ପାଇବା ପରେ ଯୁଯୁମୁରା ତହସିଲଦାର, ପୁଲିସ, ବନ ବିଭାଗ ଅଧିକାରୀ ପହଞ୍ଚି ହାଇୱା ଗୁଡିକ ଓ ଜେସିବି ମେସିନକୁ ଜବତ କରି ଥାନାରେ ଜିମା ଦେଇଥିଲେ। ଗାଡ଼ି ଯାଞ୍ଚ କରିବା ପରେ ଜଣା ପଡ଼ିଥିଲା ଯେ, ଝାରସୁଗୁଡାର ଏକ କମ୍ପାନୀର ପାଉଶଁ ଜାତୀୟ ରାଜପଥ ୫୫ ଚାରମାଲ ନିକଟରେ ପକାଇବା ପାଇଁ ଅନୁମତି ପାଇଥିଲା। ପାଉଁଶ ବୋଝେଇ ଗାଡ଼ି ଗୁଡିକ ଶାସନ ସ୍ଥିତ ସୋନୁମୋନୁ ରୋଡଲାଇନନ୍ସ ଟ୍ରାନ୍ସପୋର୍ଟର ବୋଲି ଜଣାପଡ଼ିଥିଲା। ଜାତୀୟ ରାଜପଥ ଚାରମାଲରେ ଏଆଇପିଏଲ୍ କାମ କରୁଥିବା ରାସ୍ତା କାମରେ ପକାଇବା ପାଇଁ ଅନୁମତି ଥିବା ବେଳେ ଅଧାବାଟରେ ଥିବା ଜାମଟାଲରେ ବିନା ଅନୁମତିରେ ସରକାରୀ ଓ ରୟତି ଜମିରେ ପାଇଁଶ ପକାଇ ଦିଆଯାଉଥିଲା।

#### ପରିବହନ ସଂସ୍ଥା ଉପରେ ହେବ କାର୍ଯ୍ୟନୁଷ୍ଠାନ

ସମ୍ବଲପୁର-ଅନୁଗୋଲ ଜାତୀୟ ରାଜପଥ ୫୫ ପ୍ରସ୍ତୁତି କରଣ କାମ ପାଇଁ ବ୍ୟବହାର ହେବାକୁ ଯାଉଥିବା ପାଉଁଶ ବେଆଇନ ଭାବେ ଜାମଟାଲରେ ପକାଇବା ଘଟଣାରେ ପ୍ରତିକ୍ରିୟା ଦେଇ ଏନଏଚଆଇ ପିଡି ଡି.ଏଚ୍. ଚୌଧୁରୀ କହିଛନ୍ତ ଯେ, ଜାତୀୟ ରାଜପଥ କାମରେ ବ୍ୟବହାର ପାଇଁ ବିଭାଗ ପକ୍ଷରୁ ଅନୁମତି ଦିଆଯାଇଥାଏ। ପାଉଁଶ ଦେଉଥିବା କମ୍ପାନୀକୁ ଚିଠି କରାଯାଇଥାଏ। କେଉଁ ସାଇଡରେ କେତେ ପରିମାଣ ପାଉଁଶର ଆବଶ୍ୟକ ପଡ଼ିଥାଏ ତାହା ଉଲ୍ଲେଖ ରହିଥାଏ। ଟ୍ରାନ୍ସପୋର୍ଟର କିଭଳି ଭାବେ ଏନ୍‌ଏଚଆଇ କାମ ପାଇଁ ପାଉଁଶ କମ୍ପାନୀରୁ ଆଣି କେଉଁ ସ୍ଥାନରେ ପକାଇବେ ତାହା ମଧ୍ୟ ଉଲ୍ଲେଖ ଥାଏ। ତେଣୁ ପାଉଁଶ ଦେଉଥିବା କମ୍ପାନୀକୁ ଏନେଇ ଚିଠି କରାଯାଇଛି। କମ୍ପାନୀ ହାତରେ ଯାଞ୍ଚ କରିବାର ବ୍ୟବସ୍ଥା ଓ ସୁବିଧା ମଧ୍ୟ ରହିଛି। ପରିବହନ ସଂସ୍ଥାକୁ ବାତିଲ କରିବାକୁ ପାଉଁଶ ଦେଉଥିବା କମ୍ପାନୀକୁ ଚିଠି କରାଯିବ ବୋଲି ସେ କହିଥିଲେ।





#### ପୂର୍ବତନ ବିଧାୟକଙ୍କ ଭାଇଙ୍କ ସମ୍ପୃକ୍ତି ଅଭିଯୋଗ

### ଏକ ମାସରେ ଲୁଟିନେଲେ ୮୩ ଲକ୍ଷ

# ସାଇବର ଲୁଟେରାଙ୍କ ଟାର୍ଗେଟ୍‌ରେ ଶିକ୍ଷିତ ଶ୍ରେଣୀ

- ନିବେଶ କରି କୋଟିପତି ସ୍ୱପ୍ନ ଦେଖାଇ ଲୁଟୁଛନ୍ତି
- ଲୋକଲଜ୍ଜା ଭୟରେ ହେଉନି ଅଭିଯୋଗ

**ସମ୍ବଲପୁର, ୧୩।୬(ସମିସ):** ସାଇବର ଅପରାଧ ରୋକିବା ନେଇ ପ୍ରଶାସନ ପକ୍ଷରୁ ସାଇବର ସଚେତନତା ଉପରେ ପଦକ୍ଷେପ ଗ୍ରହଣ କରାଯାଉଛି। ନିତିଦିନ ଗଣମାଧ୍ୟମ ମଧ୍ୟ ସାଇବର ଅପରାଧରୁ ନିଜକୁ ବଞ୍ଚାଇବା ନେଇ ସଚେତନ କରୁଛି। ହେଲେ ସାଇବର ଲୁଟେରାମାନେ ସଚେତନତାକୁ ହାଲୁକାରେ ନେଇ ଲୁଟି ଚାଲିଛନ୍ତି। ବ୍ୟକ୍ତି ଗତ ତଥ୍ୟା ମାଗି ଲୁଟିବାର ଟ୍ରେଣ୍ଡକୁ ବଦଳାଇଛନ୍ତି। ନିବେଶ କରି କୋଟିପତି ହେବା ସ୍ୱପ୍ନ ଦେଖାଉଛନ୍ତି। ପରେ ନିବେଶ ନାମରେ ଟ୍ରେନିଂ ଦେଉଛନ୍ତି। ଶେଷରେ ଲକ୍ଷାଧିକ ଟଙ୍କା ଲୁଟି ନେଇ ଫେରାର ହୋଇଯାଉଛନ୍ତି। ସାଇବର ଅପରାଧ କବଳରେ ସମ୍ବଲପୁର ମଧ୍ୟ ରହିଛି। ଯେତେ ସଚେତନତା ଶିବିର କରୁଥିଲେ ମଧ୍ୟ ତାର ସୁଫଳ ମିଳୁନାହିଁ। ଗତ ମେ ମାସରେ ସମ୍ବଲପୁର ସହରରୁ ୮୩ ଲକ୍ଷ ୬୪ ହଜାର ୭୦୫ ଟଙ୍କା ସାଇବର ଲୁଟେରା ଲୁଟିନେଇଥିବା ସାଇବର ଥାନାରେ ଅଭିଯୋଗ ହୋଇଛି। ସମାନ ଢଙ୍ଗରେ ନିବେଶ କରି ଲାଭବନା ହେବା ଆଳରେ ଲୁଟିଛନ୍ତି। ଲୁଟର ଶିକାର ହୋଇଥିବା ସମସ୍ତେ ଶିକ୍ଷିତ ଚାକିରୀଆ। ଶିକ୍ଷିତ ହୋଇ ମଧ୍ୟ ଅଧିକ ଲୋଭରେ ପଡ଼ି ଲକ୍ଷାଧିକ ଟଙ୍କା ହରାଇଛନ୍ତି। ଏ ହେଉଛି ସରକାରୀ ତଥ୍ୟରେ ହୋଇଥିବା ଅଭିଯୋଗ। କିନ୍ତୁ ଲୋକ ଲଜ୍ୟା ଭୟରେ ଅନେକ ସାଇବର ଅପରାଧ ଘଟଣା ଥାନାରେ ଅଭିଯୋଗ ହେଉନଥିବା ଚର୍ଚ୍ଚା ହେଉଛି। ଅଧିକ ଟଙ୍କା ଲୁଟର ଶିକାର ହେଲେ ବାଧ୍ୟ ହୋଇ ଅଭିଯୋଗ କରୁଛନ୍ତି। କିନ୍ତୁ ଛୋଟ ସାଇବର ଅପରାଧ ଲଜ୍ୟା, ଭୟ ଆଶାଙ୍କରେ ଥାନାରେ ଅଭିଯୋଗ ହେଉନଥିବା ଚର୍ଚ୍ଚା ହେଉଛି। ଗତମାସରେ ସାଇବର ଥାନରେ ୩ଟି ଅଭିଯୋଗ ହୋଇଛି। ପ୍ରଥମ ଅଭିଯୋଗରେ ଜଣେ ନାବାଳିକାଙ୍କ ପାଇଁ ୩୮୮୫୯୮ ଟଙ୍କା ଲୁଟ ହୋଇଛି। ଲପଙ୍ଗା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ନାବାଳିକ ଝିଅ ପାଇଁ ସାଇବର ଲୁଟେରା ଲୁଟ କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଇନଷ୍ଟାଗ୍ରାମରେ ନିବେଶ କରି ଅଧିକ ଲାଭବାନ ହେବା ମେସେଜ ଦେଖି ନାବାଳିକା ୭୫୦ ଟଙ୍କା ବାପାଙ୍କ ବ୍ୟାଙ୍କ ଖାତାରୁ ପଠାଇଥିଲେ। ପରେ ପର୍ଯ୍ୟାୟକ୍ରମେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହରାଇଥିବା ଜଣା ପଡ଼ିଛି। ସେହିପରି ହୀରାକୁଦ ଅଞ୍ଚଳର ଜଣେ ବ୍ୟକ୍ତି ବଡ ଧରଣର ସାଇବର ଅପରାଧର ଶିକାର ହୋଇଛନ୍ତି। ୫୫ ଲକ୍ଷରୁ ଅଧିକ ଟଙ୍କା।। ଲୁଟେରାମାନେ ଅନଲାଇନ ଲୁଟି ନେଇଛନ୍ତି। ସୋସିଆଲ ମିଡ଼ିଆରୁ ବିନିଯୋଗ କରି ମାଲାମାଲ ହେବାର ମେସେଜ ଆସିଥିଲା। ପରେ ଟ୍ରେଡିଂ ତାଲିମ ଦେବା ନେଇ ହ୍ୱାଟସଅପ ଗୃପରେ ଯୋଡି ଦେଇଥିଲେ। କେଉଁଠାରେ ନିବେଶ କଲେ ଅଧିକା ଲାଭ ମିଳିବ ନେଇ ତାଲିମ ଦେଲେ। ପର୍ଯ୍ୟାୟ କ୍ରମେ ସେ ଟଙ୍କ ମଧ୍ୟ ବନିଯୋଗ କରି ଚାଲିଲେ। ଶେଷରେ ଲୁଟେରା ୫୫ ଲକ୍ଷ ୩୯ ହଜାର ୧୦୭ ଟଙ୍କା ନେଇ ଫେରାର ହୋଇଗଲେ। ସେହିପରି ବୁର୍ଲା ଅଞ୍ଚଳର ଜଣେ ବ୍ୟକ୍ତି ସାଇବର ଅପରାଧରେ ୨୪ ଲକ୍ଷ ୩୭ ହଜାର ଟଙ୍କା।। ଲୁଟର ଶିକାର ହୋଇଛନ୍ତି। ସମାନ ପଦ୍ଧତିରେ ସୋସିଆଲ ମିଡ଼ିଆରୁ ଯୋଗଯୋଗ କରି ସାଇବର ଲୁଟେରା ଜାଲରେ ପକାଇଥିଲେ। ପରେ ବିଭିନ୍ନ ଟାସ୍କ ଦେଇ ଟଙ୍କା ରୋଜଗାର କରିବା ନେଇ ପରାମର୍ଶ ଦେଇଥିଲେ। ଏହା ପରେ ଶେଷରେ ଲୁଟି ନେଇଥିଲେ। ସରକାରୀ ତଥ୍ୟରେ ଏତିକି ଟଙ୍କାର ଅଭିଯୋଗ ହୋଇଛି। କିନ୍ତୁ ସାମାଜିକ ସ୍ତରରେ ଲଜ୍ୟା ଭୟରେ ଅନେକ ଛୋଟବଡ ସାଇବର ଲୁଟ ଅଭିଯୋଗ ଥାନା ପାଖକୁ ଯାଇ ପାରୁନଥିବା ସୂଚନା ରହିଛି।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଜିଲ୍ଲାସ୍ତରୀୟ କମିଟି ବୈଠକ

**ସମ୍ବଲପୁର, ୧୩।୬(ସମିସ)** ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବନ୍ୟା ନିୟନ୍ତ୍ରଣ କକ୍ଷ ଓ ସୂଚନା, ବୃଷ୍ଟିପାତ ରେକର୍ଡିଂ ଓ ରିପୋର୍ଟ ସ୍ୱତନ୍ତ୍ର ରିଲିଫ୍ କମିସନରଙ୍କୁ ପ୍ରଦାନ, ଗଜ୍ ରିଡିଂ, ବନ୍ୟା ଗେଟ୍ ଖୋଲିବା ଓ ମାନଚିତ୍ର ଓ ଚାର୍ଟ ପ୍ରସ୍ତୁତ କରିବା, ବିନାଖଣ୍ଡିଅ ଓ ବାଲିବନ୍ଧା ସ୍ଥିତ ସ୍ଲୁଇସ୍ ଗେଟ୍/ପମ୍ପିଂ ଷ୍ଟେସନରେ ସତର୍କତା, ମାନବ ସ୍ୱାସ୍ଥ୍ୟ ବ୍ୟବସ୍ଥା, ପ୍ରାଣୀ ସ୍ୱାସ୍ଥ୍ୟ, ବନ୍ୟା ରିଲିଫ୍ କେନ୍ଦ୍ର, ସଡ଼କ ଯୋଗାଯୋଗ ବ୍ୟବସ୍ଥା, ନଦୀ ବନ୍ଧରେ ଅତୀତର ଫାଟ/ଦୁର୍ବଳ ପଏଣ୍ଟ ବନ୍ଦ, ସମ୍ବଲପୁର ଜିଲ୍ଲାରେ ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ସଂରକ୍ଷଣ, ଦେଶୀ ଡଙ୍ଗା ମୁତୟନ, ପାୱାର ବୋଟ୍, ଅନ୍ୟାନ୍ୟ ଉଦ୍ଧାର ଉପକରଣ ବ୍ୟବହାର, ଡ୍ରେନେଜ୍ କ୍ଲିୟରାନ୍ସ, କର୍ମଚାରୀଙ୍କୁ ପ୍ରଶିକ୍ଷଣ ଓ ରାପିଡ୍ ରେସପନ୍ସ ଗ୍ରୁପ୍ ଗଠନ, ରିଲିଫ୍ ପାର୍ଟିର ସଂଗଠନ, ସ୍ୱେଚ୍ଛାସେବୀ ସଂଗଠନର ସମ୍ପୃକ୍ତି ଏବଂ ବାର୍ଷିକ ମକ୍ ଡ୍ରିଲ୍ ୨୦୨୪ର ସଫଳ ଆୟୋଜନ ପାଇଁ ପ୍ରସ୍ତୁତି ଅନୁଷ୍ଠିତ ହୋଇଥିଲା। ପ୍ରାକ୍ ପ୍ରସ୍ତୁତି ସମ୍ପର୍କରେ ବ୍ଲକସ୍ତରୀୟ ବୈଠକ କରି ବିପର୍ଯ୍ୟୟ ପ୍ରସ୍ତୁତିର ମାଇକ୍ରୋ ମ୍ୟାନେଜମେଣ୍ଟ, ଜନପ୍ରତିନିଧିଙ୍କୁ ସାମିଲ କରିବା, ଯନ୍ତ୍ରପାତି ଉପଲବ୍ଧତା ଓ କାର୍ଯ୍ୟକାରିତା ସ୍ଥିତି ଉପରେ ଦୃଷ୍ଟି ଦେବାକୁ ଜିଲ୍ଲାପାଳ ଅଗ୍ରୱାଲ ନିର୍ଦ୍ଦେଶ ଦେଇଛନ୍ତି। ସିଡିଓ-କମ-ଇଓ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଚାରୁ କୁମାର ବଳ, ସଦର ଉପଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ଉପଜିଲ୍ଲାପାଳ କୁଚିଣ୍ଡା ହେମସାଗର ଭୋଇ, ସିଡିଏମ୍ଓ ଡାକ୍ତର ସୁଜାତା ରାଣୀ ମିଶ୍ର, ପ୍ରମୁଖ ଉପସ୍ଥିତ ଥିଲେ।





# 'ତ୍ୟାଗ' ପକ୍ଷରୁ ରକ୍ତଦାନ ଶିବିର, ପ୍ରଚାରପୁସ୍ତିକା ଉନ୍ମୋଚିତ

**ସମ୍ବଲପୁର, ୧୩।୬(ସମିସ):** ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ଅଗ୍ରଣୀ ରକ୍ତଦାନ ସଂସ୍ଥା 'ତ୍ୟାଗ' ପକ୍ଷରୁ ଚିପିଲିମା ଓ ବୁର୍ଲା ପାୱାର ହାଉସ କର୍ପୋରେଟ କାର୍ଯ୍ୟାଳୟରେ ଦୁଇଟି ଭିନ୍ନ ଭିନ୍ନ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ବୁର୍ଲାର ଶିବିରରେ ବୁର୍ଲା ପାୱାର ହାଉସ ୟୁନିଟ ମୁଖ୍ୟ ଇଂଜିନିୟର ଦେବାଶିଷ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ୍ କରିଥିଲେ। ରକ୍ତଦାତାଙ୍କୁ ପ୍ରମାଣ ପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ତ୍ୟାଗର ପ୍ରଚାର ପୁସ୍ତିକା 'ତା ଜୀବନ ଧନ୍ୟ ଯେ କରେ ରକ୍ତଦାନ'କୁ ଉନ୍ମୋଚନ କରିଥିଲେ। ବୁର୍ଲା ରକ୍ତ ଭଣ୍ଡାରରେ ଦେଖାଦେଇଥିବା ରକ୍ତ ଅଭାବକୁ ଆଜିର ଏ ଶିବିର କିଛି ମାତ୍ରାରେ ଲାଘବ କରିବ ବୋଲି ମୁଖ୍ୟ ଅତିଥି କହିଥିଲେ। ବିଶ୍ୱ ରକ୍ତଦାତା ଦିବସ ପାଇଁ ତ୍ୟାଗ ଏ ଶିବିର ଆୟୋଜନ କରିଥିବା ହେତୁ ପ୍ରଶଂସା କରିଥିଲେ ଓ ସବୁ ଜୀବନଦାତାଙ୍କୁ ଧ ନ ୍ୟବ । ଦ୍ ଦେଇଥିଲେ। ସେହିପରି ଚିପିଲିମା ହେଲଥ ସେଣ୍ଟରରେ ଅନୁଷ୍ଠିତ ରକ୍ତଦାନ ଶିବିରରକୁ ଚିପିଲିମା ପାୱାର ହାଉସ ଟେକ୍ନିକାଲ ୟୁନିଟ ହେଡ଼ ଇଂଜିନିୟର ଗଣେଶ ମହାପାତ୍ର ଉଦ୍‌ଘାଟନ କରିଥିଲେ। ସବୁ ରକ୍ତଦାତାଙ୍କୁ ପ୍ରଶଂସାପତ୍ର ଦେଇ ସମ୍ମାନିତ କରି ଧନ୍ୟବାଦ୍ ଦଇଥିଲେ। ତ୍ୟାଗ ପକ୍ଷରୁ ପ୍ରକାଶିତ ଦ୍ୱିତୀୟ ପ୍ରଚାର ପୁସ୍ତିକା 'ରକ୍ତଦାତା ଜୀବନ ଦାତା' ଶ୍ରୀ ମହାପାତ୍ର ଉନ୍ମୋଚନ କରିଥିଲେ। ସ୍ୱଚ୍ଛୋକୃତ ରକ୍ତଦାନର ବ୍ୟାପକ ସଚେତନତା ଓ ପ୍ରଚାର ପାଇଁ ତ୍ୟାଗର ଉଭୟ ପ୍ରଚାର ପୁସ୍ତିକା ବହୁତ୍ କାମରେ ଆସିବ ବୋଲି ଶ୍ରୀ ମହାପାତ୍ର କହିଥିଲେ। ଶିବିର ପାଇଁ ତ୍ୟାଗର ସ୍ୱେଚ୍ଛାସେବୀ ଓ ବୁର୍ଲା ରକ୍ତ ଭଣ୍ଡାର ଅଧିକାରୀଙ୍କୁ ଧନ୍ୟବାଦ୍ ଦେଇଥିଲେ। ସମୁଦାୟ ୫୧ ଜଣ ରକ୍ତଦାନ କରିଥିଲେ। ଏ ଦିବସ ଉପାଲକ୍ଷ ବୁର୍ଲା, ସମ୍ବଲପୁର ଓ ଚିପ୍ଲିମାର ୨୨ ଜଣ ବରିଷ୍ଠ ରକ୍ତଦାତାଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆସନ୍ତା କାଲି ୧୪ ଜୁନ ୨୦୨୪ ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ତ୍ୟାଗ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ବୁର୍ଲା ରକ୍ତ ଭଣ୍ଡାରରେ ଆୟୋଜନ କରଯାଇଛି। ଶିବିରରେ ଦୁଇ ଶତାଧିକ ସ୍ୱେଚ୍ଛାସେବୀ ରକ୍ତଦାନ କରିବାର ଲକ୍ଷ ଧାର୍ଯ୍ୟ ହୋଇଛି। ୫୦ ଜଣ ବରିଷ୍ଠ ମହିଳା ଓ ପୁରୁଷ ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ଅଛି ବୋଲି ସଂଯୋଜକ ବିରଞ୍ଚି ମହାପାତ୍ର, ଦଶରଥ ଦାସ ଓ ଲାଲୁ ବିଶ୍ୱାସ ଜଣାଇଛନ୍ତି। ଆସନ୍ତାକାଲି ଶିବିରରେ ରକ୍ତଦାନ କରିବା ପାଇଁ ଜନସାଧାରଣଙ୍କୁ ତ୍ୟାଗ ପକ୍ଷରୁ ନିବେଦନ କରାଯାଇଛି। ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ଓ ରକ୍ତଦାନର ବ୍ୟାପକ ସଚେତନତା ଓ ପ୍ରଚାର ପାଇଁ ଦୁଇଟି ତ୍ୟାଗର ପ୍ରଚାର ପୁସ୍ତିକା ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଭାବଗ୍ରାହି ମିଶ୍ର ଉନ୍ମୋଚନ କରିବାର କାର୍ଯକ୍ରମ ବି ଥିବା ସୂଚନା ରହିଛି।



#### ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା



### ନ୍ୟାୟ ଦାବିରେ ସମ୍ବଲପୁର ଏସ୍‌ପିଙ୍କ ଦ୍ୱାରସ୍ଥ

# ଧନୁପାଲି ଥାନା ପୁଲିସ ଘଟଣା ଚପାଇବାକୁ ଚେଷ୍ଟା କରୁଥିବା ଅଭିଯୋଗ



**ସମ୍ବଲପୁର, ୧୩।୬ (ସମିସ):** ମାଡ଼ପିଟ ହୋଇଥିବା ଘଟଣାକୁ କେନ୍ଦ୍ର କରି ନ୍ୟାୟପାଇବା ଆଶାରେ ପୁଟିବନ୍ଧ ଗ୍ରାମବାସୀ ସମ୍ବଲପୁର ଜିଲ୍ଲା ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହା ସହ ପୂର୍ବରୁ ଧନୁପାଲି ଥାନାରେ ଏହି ସମସ୍ୟାକୁ ସମାଧାନ ନ କରି ଥାନାରୁ ତଡ଼ି ଦେଇଥିବା ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଗତ ୧୧ ତାରିଖ ଧନୁପାଲି ଥାନା ପୁଟିବନ୍ଧ ଗ୍ରାମରେ ଯାତ୍ରା ହେଉଥିଲା। ପୂଜାରୀ ଗେଥାଲ ଭୋଇ ପୂଜା କରୁଥିଲେ। ଗ୍ରାମବାସୀଙ୍କ ସହ ଜୀବନ କୁମାର ବେହେରା ପ୍ରସାଦ ସେବନ କରିବାକୁ ଯାଉଥିଲେ। ଏହି ସମୟରେ ପୂଜାରୀ ଓ ଜୀବନଙ୍କ ସହ ଉକ୍ତ ଗ୍ରାମର ରମେଶ ନାଏକ, ଆକାଶ ନାୟକ ଓ ଭୀଷ୍ମ ନାୟକ ଝଗଡ଼ା କରିଥିଲେ। ପରେ ମାଡ଼ ମାରିବା ସହ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ଏହି ଘଟଣା ପରେ ଗ୍ରାମବାସୀ ଧନୁପାଲି ଥାନାରେ ଅଭିଯୋଗ କରିଥିଲେ। ହେଲେ ଧନୁପାଲି ପୁଲିସ ତିନିଜଣଙ୍କ ମଧ୍ୟରୁ କେବଳ ଆକାଶ ନାୟକକୁ ଥାନାରେ ଅଟକ ରଖିଥିଲା। ପରେ ଘଟଣାକୁ ସମାଧାନ ନ କରି ଛାଡି ଦେଇଥିବା ଆଜି ଏସପିଙ୍କ ଉଦେଶ୍ୟରେ ଏକ ଦାବି ପତ୍ରା ପ୍ରଦାନ କରି ପୁଟିବନ୍ଧ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶୀଘ୍ର ଉକ୍ତ ଘଟଣାକୁ ତଦନ୍ତ କରି ଗ୍ରାମବାସୀଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି।

### ଶୀତଲଷଷ୍ଠୀ ଯାତ୍ରା ପରବର୍ତ୍ତି ଦୃଶ୍ୟ

# ଯେଉଁଠି ଦେଖିଲେ ପଲିଥିନ, ପ୍ଲାଷ୍ଟିକ୍ ଆବର୍ଜନା ଗଦା

ସମ୍ବଲପୁର, ୧୩।୬(ସମିସ)

ବିଶ୍ୱ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ସମ୍ବଲପୁର ସହରରେ ଆଡମ୍ବର ସହ ସମ୍ପନ୍ନ ହୋଇଛି। ଯାତ୍ରା ପାଇଁ ପ୍ରଶାସନ ଓ କମିଟି ପକ୍ଷରୁ ଭଲ ଭାବରେ ଆୟୋଜନ କରାଯାଇଥିଲା। ଯାତ୍ରା ଦେଖିବା ପାଇଁ ସମ୍ବଲପୁର ସହର ଜନସମୁଦ୍ର ପାଲଟି ଥିଲା। ହେଲେ ଯାତ୍ରା ଶେଷ ହେବା ପରେ ସହର ପୂରା ପଲିଥିନ, ପ୍ଲାଷ୍ଟିକ ଗ୍ଲାସ, କପରେ ପରିପୂର୍ଣ୍ଣ ହୋଇ ପଡ଼ିଛି। ରାସ୍ତାଘାଟ, ଦୋକାନ ବଜାରେ ସବୁଠି ପ୍ଲାଷ୍ଟିକ ଗ୍ଲାସ ପଲିଥିନ୍ ଗଦା ହୋଇଛି। ହେଲେ ଏସଏମସିର ଏଥି ପ୍ରତି କୌଣସି ଦୃଷ୍ଟି ନାହିଁ। ଯାତ୍ରା ସମୟରେ ସହରକୁ ଏତେ ପରିମାଣର ପଲିଥିନ ପ୍ଲାଷ୍ଟିକ ଆସିଲା। ହେଲେ ଏସଏମସି ପକ୍ଷରୁ କୌଣସି ସ୍ଥାନରେ ଚଢଉ କରିନଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ସମ୍ବଲପୁର ମହାନଗର ପକ୍ଷରୁ ସହରରେ ପଲିଥିନ ଓ ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକ ଉପରେ ରୋକ ଲଗାଇଛି। ପରିବେଶ ପ୍ରଦୂଷଣ ରୋକିବା ନେଇ ଉଭୟ ସରକାର ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। ଏସଏମସି ପକ୍ଷରୁ ବାରମ୍ବାର ଧରପଗଡ଼ କରାଯାଉଛି। ହେଲେ କଟକଣା ଓ ଧରପଗଡ଼କୁ କାହାକୁ ଭୟ ନାହିଁ। ବେଧଡକ ଭାବେ ବିଭିନ୍ନ ଦୋକାନ, ଠେଲାରେ ବ୍ୟବହାର ହେଉଛି। ସମ୍ବଲପୁରରେ ଅଧିକାଂଶ ବଡ ବଡ ହୋଟେଲ, ରେସ୍ତୋରାଁ ମଧ୍ୟ ବ୍ୟବହାର ହେଉଛି। ଖୋଲା ବଜାରରେ ବିକ୍ରି ହେଉଥିବା ପନିପରିବା ଠାରୁ ଆରମ୍ଭ କରି ଜଳଖିଆ ଦୋକାନଗୁଡ଼ିକରେ ଏହାର ଖୋଲାଖୋଲି ଉଲ୍ଲଙ୍ଘନ ହେଉଛି। ଏସଏମସି ଉପରେ ଚାପ କିମ୍ବା ବିଭିନ୍ନ ମହଲରେ ଅଭିଯୋଗ ହେଲେ କେତେକ ଛୋଟ ଦୋକନା, ଠେଲା ଉପରେ ଚଢାଉ କରି ପଲିଥିନ ଜବତ କରିବା ସହ ଜରିମାନା ଆଦାୟ କରୁଛନ୍ତି। ହେଲେ ପଲିଥିନ କିମ୍ବା ପ୍ଲାଷ୍ଟିକ ତିଆରି କରୁଥିବା କମ୍ପାନୀ ଓ ସହରକୁ ଯୋଗାଣ କରୁଥିବା ବଡ ବ୍ୟବସାୟୀଙ୍କ ଉପରେ କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଗତବର୍ଷ ଏସ୍‌ଏମସିର ପ୍ରବର୍ତ୍ତନ ବିଭାଗ ସହରରେ ଏକାଧିକ ବ୍ୟବସାୟିକ ପ୍ରତିଷ୍ଠାନରେ ଚଢ଼ଉ କରି ବିପୁଳ ପରିମାଣର ପଲିଥିନ ଓ କଟକଣା ରହିଥିବା ପ୍ଲାଷ୍ଟିକ୍ ସାମଗ୍ରୀ ଜବତ କରିଥିଲା। ହେଲେ ଏବେ ଏସଏମସି ହାଲୁକା ଭାବେ ନେଉଛି। କଟକଣା ରହିଥିବା ପ୍ଲାଷ୍ଟିକ୍ ବ୍ୟବହାର ଉପରେ ଚଢାଉ କରୁ ନାହିଁ। ପ୍ଲାଷ୍ଟିକ୍ ଓ ପଲିଥିନ ଥାଳି, କପ୍, ପ୍ଲେଟ୍, ପଲିଥିନ୍, ବାଉଲ୍, ଚାମଚ, ଥର୍ମୋକୁଲ ଭଳି ସାମଗ୍ରୀ ଉପରେ ବ୍ୟବହାର କରିବା ଉପରେ କଟକଣା ରହିଛି। ମଧ୍ୟ କାରବାର ଥମିବାର ନାଁ ନେଉନାହିଁ। ପରିବେଶ ସୁରକ୍ଷା ଦୃଷ୍ଟିରେ ରଖି ସମ୍ବଲପୁର ଅଞ୍ଚଳରେ ନିୟମ ଭାଙ୍ଗୁଥିବା ବ୍ୟବସାୟୀଙ୍କ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ପ୍ରକାଶ ଥାଉକି ୨୦୧୯ ଅକ୍ଟୋବର ୨ରୁ ରାଜ୍ୟ ସରକାର ଓଡ଼ିଶାରେ ଥରେ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ୍ ଓ ପଲିଥିନ ନିଷେଧ କରିଥିଲେ। କେନ୍ଦ୍ର ପରିବେଶ, ଜଙ୍ଗଲ ମନ୍ତ୍ରଣାଳୟ ମଧ୍ୟ ନିୟମ କରିଛନ୍ତି। ଚଢାଉ କରିବା ପାଇଁ ସମ୍ବଲପୁର ଏସଏମସିରେ ଟିମ ଗଠନ କରାଯାଇଥିଲା ହେଲେ ଏବେ ଟିମ୍ ନିଷ୍କ୍ରିୟ ହୋଇଯାଇଥିବା ଅଭିଯୋଗ ହେଉଛି। ଯେକୌଣସି ପ୍ରକାରର ପ୍ଲାଷ୍ଟିକ୍ ସାମଗ୍ରୀ ଗୁଡ଼ିକର ଆନ୍ତଃରାଜ୍ୟ ଚାଲାଣ ବନ୍ଦ କରିବା ନିମନ୍ତେ ସୀମା ଚେକ୍ ପଏଣ୍ଟ ରଖିବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଏସଏମସି ଏଥି ପ୍ରତି ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି।



# ଲେକ୍ଚର କଲୋନୀରେ ଜବରଦଖଲ ଉଚ୍ଛେଦ



**ଝାରସୁଗୁଡ଼ା, ୧୩।୬(ସମିସ):** ଝାରସୁଗୁଡ଼ା ଲେକ୍ଚର କଲୋନୀରୁ ଜବରଦଖଲ ଉଚ୍ଛେଦ କରିଛି ଜିଲ୍ଲା ପ୍ରଶାସନ। ଲେକ୍ଚର କଲୋନୀରେ ରହୁଥିବା ପ୍ରାୟ ୧୦ଟି ପରିବାର ଦୀର୍ଘ ୨୫ ବର୍ଷ ହେବ ସରକାରୀ ଜମିରେ ଘରକରି ରହି ଆସୁଛନ୍ତି। ଏହି ଜମିକୁ ଜିଲ୍ଲା ପ୍ରସାଶନ ଉଚ୍ଛେଦ କରିବାକୁ ଅନେକ ଦିନରୁ ଏହି ବସ୍ତିବାସିନ୍ଦାଙ୍କୁ ସୂଚନା ଦେଇ ଆସୁଥିଲା। ଗୁରୁବାର ସକାଳ ୧୦ ଟା ସମୟରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଏହି ଜବରଦଖଲ ଉଚ୍ଛେଦ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଆମକୁ ଜାଗା ମିଶନରେ ଜମି ପଟ୍ଟା ପ୍ରଦାନ କରାଯାଇଛି। କିନ୍ତୁ ଏଯାଏ ଜମି ଚିହ୍ନକରି ଆମକୁ ଜମି ପ୍ରଦାନକରା ଯାଇନାହିଁ। ଫଳରେ ଲୋକେ ଏହି ଜମିରେ ଘର କରିନାହାନ୍ତି ବୋଲି ଲେକଚର କଲୋନୀବାସୀ ଅଭିଯୋଗ କରିଛନ୍ତି।

# ମଙ୍ଗଳବଜାରରୁ ରକ୍ତଭଣ୍ଡାର ସ୍ଥାନାନ୍ତର ହେଉ

ଝାରସୁଗୁଡ଼ା, ୧୩।୬(ସମିସ)

ଝାରସୁଗୁଡ଼ା ଜିଲ୍ଲାରେ ଶିଳ୍ପ ବିସ୍ତାର ସହିତ ଦୁର୍ଘଟଣା ସଂଖ୍ୟାରେ ସେହି ଅନୁପାତରେ ବଢ଼ିବାରେ ଲାଗିଛି। ଆହତ ମାନଙ୍କୁ ତୁରନ୍ତ ରକ୍ତର ଅବଶ୍ୟକତା ଥାଏ। ଏହି କ୍ଷେତ୍ରରେ ଝାରସୁଗୁଡ଼ା ରକ୍ତ ଭଣ୍ଡାର ଏହି ରକ୍ତର

## ଆଜି ବିଶ୍ୱ ରକ୍ତଦାତା ଦିବସ

## ଝାରସୁଗୁଡ଼ା ରକ୍ତ ଭଣ୍ଡାରରେ ୬୭୦୦ ୟୁନିଟ୍ ନିଅଣ୍ଟ

ଚାହିଦା ମେଣ୍ଟାଇବାକୁ ଅସମର୍ଥ ହେବା ସହିତ ଏବେ ମଧ ଏହି ରକ୍ତଭଣ୍ଡାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବଦଳରେ ୬ କିଲୋମୋଟର ଦୂରରେ ମଙ୍ଗଳ ବଜାରରେ ରହିଛି। ଫଳରେ ରୋଗୀଙ୍କୁ ରକ୍ତ ଭଣ୍ଡାରରୁ ରକ୍ତ ଯୋଗାଇବାକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଝାରସୁଗୁଡ଼ା ରକ୍ତ ଭଣ୍ଡାରକୁ ବାର୍ଷିକ ୯ହଜାର ୭ ଶହ ୟୁନିଟ ରକ୍ତର ଆବଶ୍ୟକତା ହେଉଥିବାବେଳେ ବିଭିନ୍ନ ରକ୍ତଦାନ ଶିବିରରୁ ୩ ହାଜାର ରକ୍ତ ସଂଗ୍ରହ ହେଉଛି। ଏବେ ମଧ ଝାରସୁଗୁଡ଼ା ରକ୍ତ ଭଣ୍ଡାରକୁ ୬୭୦୦ ୟୁନିଟ ରକ୍ତ ନିଅଣ୍ଟ ହେଉଛି। ନିଅଣ୍ଟ ରକ୍ତର ଭରଣା ନ ହେଲେ ରୋଗୀଙ୍କୁ ରକ୍ତ ଯୋଗାଇବାକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ରକ୍ତଭଣ୍ଡାର ଅଧିକାରୀ ଡା. ଶିଳବନ୍ତି ଯୋଯୋ ସୂଚନା ଦେଇଛନ୍ତି।




ଝାରସୁଗୁଡ଼ା ରକ୍ତ ଭଣ୍ଡାର ଅନ୍ୟ ସମସ୍ୟା ହେଉଛି ଏହି ରକ୍ତଭଣ୍ଡାଟି ଏବେ ମଧ ପୁରୁଣା ଡାକ୍ତରଖାନା ମଙ୍ଗଳ ବଜାରରେ ରହିଛି। ଯଦି କୌଣସି ରୋଗୀଙ୍କୁ ରାତି ଅଧିଆ ରକ୍ତର ଆବଶ୍ୟକତା ଥାଏ ତେବେ ୬ କିଲୋମିଟର ଦୂରରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ରକ୍ତ ନେଇ ରୋଗୀଙ୍କୁ ପ୍ରଦାନ କରିବାରେ ବହୁମୂଲ୍ୟ ସମୟ ନଷ୍ଟ ହେଉଛି। ଜଣେ ରୋଗୀ ଡାକ୍ତରଖାନାରୁ ଆସି ମଙ୍ଗଳବଜାରରୁ ରକ୍ତନେବା ପାଇଁ ଅଟୋ କିମ୍ବା କୌଣସି ଘରୋଇ ଗାଡ଼ିଭଡ଼ା କରି ଆସିଲାବେଳକୁ ଲୋକଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଜିଲ୍ଲାର ଉପାନ୍ତ ଅଞ୍ଚଳରୁ ଆସିଥିବା ଲୋକେ ରକ୍ତଭାଣ୍ଡରରେ ପହଞ୍ଚି ।ରୁନାହାନ୍ତି। ଏ ନେଇ ଅନେକ ଜିଲ୍ଲାବାସୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ସାରିଛନ୍ତି। ଗତ ୩୦/୪/୧୯୯୭ ମସିହାରେ ଲାଇସେନ୍ସ ପାଇଥିବା ଝାରସୁଗୁଡ଼ା ରକ୍ତଭଣ୍ଡାରକୁ ସ୍ଥାନାନ୍ତରିତ କରିବାକୁ ଅନେକ ଥର ଦାବି ହୋଇଥିଲେ ମଧ ଏଯାଏ ତାହା ହେଇପାରି ନାହିଁ। ରକ୍ତଭଣ୍ଡାର ଠାରୁ ଅନ୍ୟଏକ ସ୍ଥାନକୁ ସ୍ଥାନାନ୍ତରୀତ କରିବାକୁ ହେଲେ ପୁଣିଥରେ କେନ୍ଦ୍ରସରକାରଙ୍କ ଠାରୁ ଆଉଥରେ ଲାଇସେନ୍ସପ୍ରାପ୍ତ କରିବାକୁ ହୁଏ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଜୟକୃଷ୍ଣ ନାଏକ କହିଛନ୍ତି। ସେ ଆହୁରି ମଧ କହିଛନ୍ତି ଯେ ନୂତନ ଲାଇସେନ୍ସପ୍ରାପ୍ତ କରିବାକୁ ହେଲେ ନିୟମ ଅନୁସାରେ ରକ୍ତ ଭାଣ୍ଡର ପାଇଁ ନିର୍ଦ୍ଧରିତ ଗୃହ ଓ ସୁବିଧା ରହିବା ଦରକାର। ରକ୍ତଭଣ୍ଡାର ଗୃହ ନିର୍ମାଣ କରିବାକୁ କିଛି ସମୟ ଲାଗିବ ଏଣୁ ଆମେ ଅସ୍ଥାୟୀ ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତଭଣ୍ଡାର ଚଳାଇବାକୁ ଅନୁମତି ସରକାରଙ୍କୁ ମାଗିଛୁ। ସେଠାରୁ ଆସିଲେ ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ଅସ୍ଥାୟୀ ଭାବରେ ରକ୍ତଭଣ୍ଡାର କାର୍ଯ୍ୟରତ ହେବ ବୋଲି ସିଡିଏମ୍‌ଓ ଡ଼ା. ଜୟକୃଷ୍ଣ ନାଏକ କହିଛନ୍ତି।

## ବିଷ ପିଇ ଆତ୍ମହତ୍ୟା

**ଦେବଗଡ଼, ୧୩।୬ (ସମିସ):** କୁଣ୍ଢେଇଗୋଲା ଥାନା ଖଇରପାଲି ଫାଣ୍ଡି ଅଧୀନ ଖିଲେଇ ବାହାଡାପୋଷି ଗ୍ରାମର ଜଣେ ବ୍ୟକ୍ତି ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ବାହାଡାପୋଷି ଗ୍ରାମର ଶ୍ରୀଧର ମାଝୀ (୫୭)। ଅନ୍ୟ ଦିନ ଭଳି ସକାଳୁ ସେ କାମ କରିବାକୁ ଯାଇଥିଲେ। ମଧ୍ୟାହ୍ନରେ ଘରକୁ ଫେରି କୌଣସି କାରଣରୁ ବିଷ ପିଇ ଗୁରୁତର ହୋଇପଡ଼ିଥିଲେ। ଏହା ଦେଖି ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷଙ୍କଠାରୁ ସୂଚନା ପାଇ ପୁଲିସ ମୃତଦେହ ଜବତ କରିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

## ମାଲଗାଡ଼ି ଆଗକୁ ଡେଇଁ ଆତ୍ମହତ୍ୟା

**ଝାରସୁଗୁଡ଼ା, ୧୩।୬ (ସମିସ):** ଝାରସୁଗୁଡ଼ା ରେଲଷ୍ଟେସନ ୨ ନମ୍ବର ପ୍ଲାଟଫର୍ମରେ ଗୁରୁବାର ମଧ୍ୟାନରେ ଆସାମର ଜଣେ ବ୍ୟକ୍ତି ମାଲଗାଡ଼ି ସମ୍ମୁଖକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଝାରସୁଗୁଡ଼ା ରେଲବାଇ ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ମୃତ ବ୍ୟକ୍ତି ଆସାମର ଚିରାଙ୍ଗ ଜିଲ୍ଲାର ସିଦଲି ନେପାଳିପଡ଼ାର ସୋମିଆ ହାସଦା (୩୭) ବୋଲି ଜଣାପଡ଼ିଛି। ସୋମିଆ ଗୁଜୁରାଟରୁ ହାୱଡା ଓ ସେଠୁ ଆସମ ଯାଉଥିଲା। ସେ ହାୱଡା ନଯାଇ ଝାରସୁଗୁଡ଼ା ରେଳ ଷ୍ଟେସନରେ ଓହ୍ଲାଇ ୨ ନମ୍ବର ପ୍ଲାଟ ଫର୍ମରେ ବସିଥିଲା। ମଧ୍ୟାନ ୧୨ଟା ୫ ମିନିଟ ସମୟରେ ଏକ ମାଲଗାଡ଼ି ସାମ୍ନାକୁ ଡେଇଁ ପଡ଼ିବାରୁ ଘଟଣାସ୍ଥଳରେ ସୋମିଆ ହାସଦାର ମୃତ୍ୟୁ ଘଟିଥିଲା। ମୃତକ ପକେଟରେ ଥିବା ପର୍ସରେ ମୃତକର ଭୋଟର କାର୍ଡ ଓ ଆଧାର କାର୍ଡ ମିଳିବାରୁ ସୋମିଆ ହାସଦାର ପରିଚୟ ମିଳିପାରିଛି। ରେଳବାଇ ପୁଲିସ ଏକ ମାମଲା ରୁଜୁ କରି ଏହାର ତଦନ୍ତ ଆରମ୍ଭ କରିଛି।

# ପିସ୍ତଲ ଦେଖାଇ ଟ୍ରେଲର ଚାଳକଙ୍କଠାରୁ ଲୁଟ୍

**ଦେବଗଡ଼, ୧୩।୬(ସମିସ):** କୁଣ୍ଢେଇଗୋଳା ଥାନା ବୁଢାପାଳ ଗ୍ରାମ ନିକଟରେ ପିସ୍ତଲ ଦେଖାଇ ଟ୍ରେଲର ଚାଳକଙ୍କଠାରୁ ଲୁଟ୍ ହୋଇଛି। ଟ୍ରେଲର ଚାଳକଙ୍କୁ

## ବିଳମ୍ବିତ ରାତିରେ କାର୍‌ରେ ଆସି ଲୁଟିଲେ

## ଆକ୍ରମଣରେ ଚାଳକ, କମ୍ପାନୀ କର୍ମଚାରୀ ଗୁରୁତର

ଦୁର୍ବୃତ୍ତ ପିସ୍ତଲ ମୁନରେ ଆକ୍ରମଣ କରି ୨୫ ହଜାର ଟଙ୍କା ଲୁଟି ନେଇଛନ୍ତି। ରାଉରକେଲା ବ୍ରାହ୍ମଣିତରଙ୍ଗ ଥାନା ବେଦବ୍ୟାସ ଅଞ୍ଚଳର ଏଚ. ଏସ କ୍ୟାରିୟର କମ୍ପାନୀର ୩ଟି ଟ୍ରେଲରରେ ଅନୁଗୁଳ ଅଭିମୁଖେ କିଛି ଯନ୍ତ୍ରାଂଶ ଯାଉଥଲା। ରାତି ପ୍ରାୟ ୩ଟା ସମୟରେ ବୁଢାପାଳ ଗ୍ରାମ ଦେଇ ଯାଉଥିବା ବେଳେ ଏକ କାର୍‌ରେ ୫/୬ ଜଣ ଦୁର୍ବୃତ୍ତ ଟ୍ରେଲର ସମ୍ମୁଖରେ ଗାଡି ରଖି ରାସ୍ତା ଅବରୋଧ



କରିଥିଲେ। ଏହାପରେ ଟ୍ରେଲର ଚାଳକ ଶ୍ରୀନିବାସ ଶର୍ମାଙ୍କୁ ସେମାନେ ବଟି ମାଗିଥିଲେ। ଏଥିରେ ଚାଳକ ଅକ୍ଷମତା ପ୍ରକାଶ କରିବାରୁ ଦୁର୍ବୃତ୍ତ ଧମକ ଦେଇଥିଲେ। ଏହା ଦେଖି ଟ୍ରେଲର ସହ ଏସ୍କର୍ଟରେ ଯାଉଥିବା ଏକ ସଫାରୀରେ ଥିବା କମ୍ପାନୀ ସୁପରଭାଇଜର ଟ୍ରେଲର ନିକଟକୁ ଆସିଥିଲେ। ଆଲୋଚନା ପାଇଁ ସେ ପ୍ରସ୍ତୁତ ହେଉଥିବା ସମୟରେ ଦୁର୍ବୃତ୍ତ ଲୁହା ରଡ୍‌ରେ ତାଙ୍କୁ ଓ ସଫାରୀ ଚାଳକ ଦଳଜିତ ସିଂ ଙ୍କୁ ଆକ୍ରମଣ କରିଥିଲେ। ଶେଷରେ ପିସ୍ତଲ ଦେଖାଇ ସେମାନଙ୍କଠାରୁ ୨୫ ହଜାର ଟଙ୍କା ଲୁଟି ନେଇ କାର୍ (ଓଡି ୩୩ଡବ୍ଲ୍ୟୁ ୫୩୫୫)ରେ ଛେଣ୍ଡିପଦା ଆଡକୁ ପଳାଇଥିଲେ। ଦୁର୍ବୃତ୍ତଙ୍କ ଆକ୍ରମଣରେ ଟ୍ରେଲର ଚାଳକ ଶ୍ରୀନିବାସ, ସଫାରୀ ଚାଳକ ଦଳଜିତ ଓ ସୁପରଭାଇଜର ଗୁରୁତର ହୋଇଛନ୍ତି। ଏ ନେଇ କମ୍ପାନୀ କର୍ମଚାରୀ ରଞ୍ଜିତ ସିଂ କୁଣ୍ଢେଇଗୋଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ବିପର୍ଯ୍ୟୟ ମୁକାବିଲା ସକାଶେ ଅଭ୍ୟାସ





**ଝାରସୁଗୁଡ଼ା, ୧୩।୬ (ସମିସ):** ବିଭିନ୍ନ ପ୍ରାକୃତିକ ତଥା ମନୁଷ୍ୟକୃତ ବିପର୍ଯ୍ୟୟର ମୁକାବିଲା ସକାଶେ ପ୍ରସ୍ତୁତି ସମ୍ପର୍କିତ ଜିଲ୍ଲାସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ ବୈଠକ ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋରଚନ୍ଦ୍ର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

କୋଲାବିରା: କୋଲାବିରା ବ୍ଲକ ରଘୁନାଥପାଲିସ୍ଥିତ କୋଶଲ କେସରାମିକ୍ସ ପ୍ରାଇଭେଟ ଲିମିଟେଡ କାରଖାନା ପରିସରରେ ବିପର୍ଯ୍ୟୟ ପରିଚାଳନା ନେଇ ଅଭ୍ୟାସ କରାଯାଇଛି। କାରଖାନା ଉପ ସହକାରୀ ନିର୍ଦ୍ଦେଶକ ସ୍ୱରୂପ ଜେନା, ସହକାରୀ ନିର୍ଦ୍ଦେଶିକା ଅର୍ଚ୍ଚନା ଦାସ୍,



ସୁରକ୍ଷା ଓ ପରିବେଶ ମୁଖ୍ୟ ପ୍ରମୋଦ ମହାନ୍ତି, ସିଇଓ ଜୀବନ ପଟ୍ଟନାୟକ, ମ୍ୟାନେଜର ଏସ.ଆର ଜେନା, ସୁରକ୍ଷା ଅଧିକାରୀ ନିହାରକାନ୍ତ ଆଚାର୍ଯ୍ୟ, କୋଲାବିରା ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ, ଅଗ୍ନିଶମ ଅଧିକାରୀଙ୍କ ସମେତ କାରଖାନାର ସମସ୍ତ କର୍ମଚାରୀ ଭାଗ ନେଇଥିଲେ।

# ଦୁର୍ଘଟଣାରେ ଆହତଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

**ଝାରସୁଗୁଡ଼ା, ୧୩।୬(ସମିସ):** ଲଖନପୁର ଥାନା ଅଧୀନ ଭଅଁରଖୋଲ ଛକରେ ଭାରୀଯାନ ଧକ୍କାରେ ଗୁରୁତର ଆହତ ହୋଇଥିବା ସାଗରପାଲି ଗ୍ରାମର ବେଦବ୍ୟାସ କଲସେରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ବେଦବ୍ୟାସଙ୍କ ପୁଅ ତ୍ରିଲୋଚନ କଲସେର ମୁଖାଗ୍ନି ଦେଇଥିବାବେଳେ ପରିବାର ଲୋକେ, ସମ୍ପର୍କୀୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ସୂଚନା ଅନୁସାରେ ଗତ ମେ' ୩୦ ତାରିଖ ଦିନ ଭଅଁରଖୋଲ ଛକରେ ଥିବା ନିଜ ଜଳଖିଆ ଦୋକାନକୁ ବନ୍ଦ କରି ସନ୍ଧ୍ୟାରେ ବେଦବ୍ୟାସ ସ୍ତ୍ରୀ ବ୍ରଜେଶ୍ୱରୀ ସହ ଗାଁକୁ ଫେରୁଥିଲେ। ଏହି ସମୟରେ ଜାତୀୟରାଜପଥ ୪୯ ରେ ଦୃତ ଗତିରେ ଆସୁଥିବା ଏକ କୋଇଲା ବୋଝେଇ ଭାରୀଯାନ ଉଭୟଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ସ୍ୱାମୀସ୍ତ୍ରୀ ଆହତ ହୋଇଥିବାବେଳେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିକଟସ୍ଥ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ଅଧିକ ଚିକିତ୍ସା ପାଇଁ ଉଭୟ ସ୍ୱାମୀସ୍ତ୍ରୀଙ୍କୁ ସମ୍ବଲପୁରର ଏକ ଘରୋଇ ଡାକ୍ତରଖାନାକୁ ନିଆ ଯାଇଥିଲା। ସ୍ତ୍ରୀ ବ୍ରଜେଶ୍ୱରୀ ଚିକିତ୍ସା ପରେ ସୁସ୍ଥ ହୋଇଥିବାବେଳେ ବେଦବ୍ୟାସଙ୍କ ମୁଣ୍ଡ ଏବଂ ଗୋଡ଼ର ଅସ୍ତ୍ରୋପ୍ରଚାର କରାଯାଇଥିଲା। ତେବେ ୧୫ ଦିନ ଧରି ହସ୍ପିଟାଲ ଶଯ୍ୟାରେ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଆଖିବୁଜି ଦେଇଛନ୍ତି ବେଦବ୍ୟାସ।

# ମଦ କାରବାରରେ ଜଣେ ଗିରଫ

**ଦେବଗଡ଼, ୧୩।୬(ସମିସ):** ଦେବଗଡ଼ ଥାନାଞ୍ଚଳର ବିଭିନ୍ନ ଗ୍ରାମରେ ଅବକାରୀ ବିଭାଗ ଚଢଉ କରିଛି। ଟାଇଁସର ଗ୍ରାମ୍ୟ ଜଙ୍ଗଲରେ ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତ ହେଉଥିବା ବେଳେ ଚଢ଼ଉ କରି ନଷ୍ଟ କରାଯାଇଛି। ଏହାସହ ମଦରନ୍ଧା ଉପକରଣ ଜବତ କରାଯାଇଛି। ଏହି ବେଆଇନ କାରବାରରେ ସମ୍ପୃକ୍ତି ଅଭିଯୋଗରେ ନୂଆଁଭୂଇଁ ଗ୍ରାମର ଗୁରୁଚରଣ ସୁହୁଲା ନାମକ ବ୍ୟକ୍ତିକୁ ଗିରଫ କରାଯାଇଛି। ଅବକାରୀ ନିରୀକ୍ଷକ ମଧୁସୂଦନ ସାହୁଙ୍କ ନେତୃତ୍ୱରେ ଏସଆଇ ରୋଜାନି ମିଞ୍ଜ, ଓ ଏଏସଆଇ ଲୋକନାଥ ବେହେରା ପ୍ରମୁଖ ଚଢ଼ଉରେ ସାମିଲ ଥିଲେ।



## ଶିଶୁ ଶ୍ରମିକ ମୁକ୍ତ ଝାରସୁଗୁଡ଼ା ଲାଗି ପ୍ରଶାସନର ପ୍ରୟାସ

# ସଚେତନତା ରଥ ଉଦ୍‌ଘାଟିତ



**ଝାରସୁଗୁଡ଼ା, ୧୩।୬ (ସମିସ):** ଝାରସୁଗୁଡ଼ା ଜିଲ୍ଲାରେ ଶିଶୁ ଶ୍ରମିକ ନିରାକରଣ ସକାଶେ ପ୍ରଶାସନ ଅଣ୍ଟା ଭିଡିଛି। ଏଥିଲାଗି ଏକ ସଚେତନତା ରଥ ଉଦ୍‌ଘାଟିତ ହୋଇଛି। ଜୁନ୍ ମାସ ସାରା ଏହା ଜିଲ୍ଲା ବ୍ୟାପୀ ଭ୍ରମଣ କରି ଲୋକଙ୍କୁ ସଚେତନ କରିବ। ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ ଏହି ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଝାରସୁଗୁଡା ଜିଲ୍ଲାକୁ ଶିଶୁ ଶ୍ରମିକ ମୁକ୍ତ ଜିଲ୍ଲାରେ ପରିଣତ କରିବା ସକାଶେ ସଚେତନତା ସୃଷ୍ଟି କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲା ଶ୍ରମ ଅଧିକାରୀ ସୁନିତା କିସାନ, ସହକାରୀ ଶ୍ରମ ଅଧିକାରୀ ସୁସ୍ମିତା ବିଶ୍ୱାଳ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୁଣ୍ୟବତୀ ହେଲେନ ଖେସ, ବୃନ୍ଦାବତୀ ପଣ୍ଡା, ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଜିଲ୍ଲା ନିଯୋଜନ ଓ ଦକ୍ଷତା ବିକାଶ ଅଧିକାରୀ ସଙ୍ଗୀତା ମେହେରଙ୍କ ସମେତ ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ବର୍ଦ୍ଧିତ ଦରମା ଦାବିକରି ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ

ଝାରସୁଗୁଡ଼ା, ୧୩।୬(ସମିସ)

ବେଲପାହାଡ଼ ପୌରଠିକା ସଫେଇ କର୍ମଚାରୀମାନେ ସେମାନଙ୍କ ଦରମାରେ ବର୍ଦ୍ଧିତ ଆଧାରରେ ଆହୁରି ଶହେ ଟଙ୍କା ଲେଖାଏଁ ପ୍ରଦାନ କରିବା ଦାବିନେଇ ଗୁରୁବାର ପୁଣି କାର୍ଯ୍ୟବନ୍ଦ କରିବା ସହିତ ଧର୍ମଘଟ କରିଛନ୍ତି। ସଫେଇ କର୍ମଚାରୀଙ୍କ ଅଭିଯୋଗ ଅନୁସାରେ ଗତ ସାଧାରଣ ନିର୍ବାଚନ ପୂର୍ବରୁ ଠିକା କର୍ମଚାରୀମାନଙ୍କୁ ଏକ ଶହ ଟଙ୍କା ଲେଖାଏଁ ଅଧିକ ମଜୁରୀ ସରକାର ବର୍ଦ୍ଧିତ କରିଥିଲେ। ବେଲପାହାଡ଼ ପୌର ପରିଷଦ ପକ୍ଷରୁ ମୋଟ ୮୫ ଜଣ ମହିଳା ଓ ପୁରୁଷ ଠିକା ସଫେଇ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ମଧ୍ୟରୁ କିଏ ଦୀର୍ଘ ୧୮ ବର୍ଷ ତ କିଏ ୧୦ ବର୍ଷ ତ ଆଉ କିଏ ୬ ବର୍ଷରୁ ଅଧିକ ଧରି ନିଷ୍ଠାର ସହିତ କାର୍ଯ୍ୟ କରିଆସୁଛନ୍ତି। ବେଲପାହାଡ଼ ସହରର ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି ସହରର ସମସ୍ତ ଗଳିକନ୍ଦିରେ ଥିବା ନାଳ ନର୍ଦ୍ଦମା, ଆବର୍ଜନା ଗଦା ସମସ୍ତ ସଫେଇ କରିବା ତଥା ସହରକୁ ସ୍ୱଚ୍ଛତା ଓ ପ୍ରଦୂଷଣ ମୁକ୍ତ ରଖିବାରେ ସେମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଏହି କ୍ରମରେ ସେମାନେ ପୂର୍ବରୁ ଗୋଟିଏ ଦିନକ ପିଛା ୩୫୨ ଟଙ୍କା ଲେଖାଏଁ ପାରିଶ୍ରମିକ ପାଉଥିବା ବେଳେ ବର୍ତ୍ତମାନ ତାହା ବର୍ଦ୍ଧିତ ଆଧାରରେ ୪୫୨ ଟଙ୍କା ଯାଏ ଦରମା ପାଇବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ପୌରପରିଷଦ ପକ୍ଷରୁ ବର୍ଦ୍ଧିତ ଆଧାରରେ ଦରମା ପ୍ରଦାନ କରାଯାଉଛି ବୋଲି ସେମାନେ ପ୍ରକାଶ କରିଛନ୍ତି। କିନ୍ତୁ ବେଲପାହାଡ଼ ପୌର ପରିଷଦରେ ନିଯୋଜିତ ଥିବା ଠିକା ସଂସ୍ଥା ପକ୍ଷରୁ ଏହି ବର୍ଦ୍ଧିତ ଟଙ୍କା ପ୍ରଦାନ କରାଯାଉନାହିଁ ବୋଲି କହି ୨/ ୩ ମାସର ଦରମା ଦିଆଯାଉ ନାହିଁ କି କାମ ମଧ ଦିଆଯାଉ ନ ଥିବା ମଧ ଅଭିଯୋଗ ହୋଇଛି। ଏହି ଠିକା ସଫେଇ କର୍ମଚାରୀମାନେ କାର୍ଯ୍ୟବନ୍ଦ କରି ପୌର ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂଙ୍କ ସମେତ ଜିଲ୍ଲାପାଳ ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟରେ ପୁଣି ଦାବି



ଅଭିଯୋଗ ହୋଇଛି। ସେହିପରି ଠିକା ସଂସ୍ଥା ଏମାନଙ୍କୁ ଆନୁସାଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଆସୁ ନ ଥିବା ଅଭିଯୋଗ ହୋଇଛି। ଠିକ ସମୟରେ ଠିକା ସଂସ୍ଥା ଦରମା ଦେଉ ନ ଥିବା ମଧ ଅଭିଯୋଗ ହୋଇଛି। ଏପରିକି ୫ ଜଣ କର୍ମଚାରୀଙ୍କୁ ୬୦ ବର୍ଷ ହେଲା ବୋଲି ଜଣାଇବାକୁ ସ୍ଥିର କରିଛନ୍ତି। ତେବେ ଆଗାମୀ ଦିନରେ ଏହି ଠିକା ସଫେଇ କର୍ମଚାରୀଙ୍କ ଦାବି ପୂରଣ ନ ହେଲେ କାର୍ଯ୍ୟ ବନ୍ଦ ସହିତ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସଫେଇ କର୍ମଚାରୀମାନଙ୍କ ମଧ୍ୟରେ ବେଲମତି କୁମ୍ଭାର, ଲଳିତା ନାଏକ, ଉର୍ବଶୀ ବେହେରା, ଉର୍ବଶୀ ସେଦ୍ରିଆ, ଟିକିଲି କଲେତ, କ୍ରିଷ୍ଣା ମହାକୁଡ଼, ଲୁହା ସୁନା, ସମରୁ ବେହେରା, ଶଙ୍କର ସାଗର, ସୁନିତା ବେହେରା, ଦନାର୍ଦ୍ଦନ ପଞ୍ଚଭାୟା, କୁମରମଣି କୁମ୍ଭାର, ଅଭିନ ମିର୍ଦ୍ଧା, ପିଣ୍ଟୁ ପାତ୍ର, କମଳା ଘାସି, ସଙ୍ଗୀତା ସେଦ୍ରିଆ, ପିଛାଲୁ ଦୀପ, ପ୍ରଭାତ ସୁନା, ଅଜୟ ସାହିସ, ହିମାଂଶୁ ସୁନା ପ୍ରମୁଖ ସମସ୍ତ କର୍ମଚାରୀ ଧର୍ମଘଟରେ ସାମିଲ ରହିଥିଲେ।

ଏନେଇ ବେଲପାହାଡ଼ ପୌର ପରିମଳ ଅଧିକାରୀ ସୌମ୍ୟ ବିଶ୍ୱରଞ୍ଜନ ମହାଲି କହିଛନ୍ତି ସାଧାରଣ ନିର୍ବାଚନ ସମୟରୁ ଲାଗିଥିବା ଆଚରଣ ବିଧି ନିୟମ ଉଠିବାପରେ ଏଯାଏ ସମ୍ପୃକ୍ତ ଠିକା ସଂସ୍ଥା ପାଖକୁ ସରକାରଙ୍କ ଅଧାଦେଶ ଆସିନାହିଁ। ତେଣୁ ଠିକା ସଫେଇ କର୍ମଚାରୀଙ୍କୁ ବର୍ଦ୍ଧିତ ଆଧାରରେ ଦରମା ପ୍ରଦାନ କରାଯାଇପାରିନାହିଁ। ତେବେ ଆଗାମୀ ଦିନରେ ଅଧାଦେଶ ଆସିବା ପରେ ସେମାନଙ୍କୁ ଗତ ମାର୍ଚ୍ଚ ମାସ ୧୫ ତାରିଖରୁ ଏରିଅର ଆଧାରରେ ସମସ୍ତ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି। ଅନ୍ୟ ପଟରେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପୌର ଡିଏଲଆର ଓ ଏମଏମଆର କର୍ମଚାରୀଙ୍କୁ ବର୍ଦ୍ଧିତ ଆଧାରରେ ଦରମା ପ୍ରଦାନ କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି। ଠିକା ସଂସ୍ଥାର ପ୍ରତିନିଧିଙ୍କୁ ପ୍ରତିକ୍ରିୟା ପାଇଁ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା।

# ଦକ୍ଷତା ମାଗାଜିନ୍ ଉନ୍ମୋଚିତ



**ଝାରସୁଗୁଡ଼ା, ୧୩।୬ (ସମିସ):** ଭୁବନେଶ୍ୱରସ୍ଥିତ ଗୁରୁ କେଲୁ ଚରଣ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରରେ 'ଦକ୍ଷତା' ମାଗାଜିନର ପ୍ରଥମ ସଂସ୍କରଣ ଉନ୍ମୋଚିତ ହୋଇଛି। ଏହି ଅବସରରେ ସୁପ୍ରସିଦ୍ଧ ନୃତ୍ୟ ଗୁରୁ ତଥା ଲାସ୍ୟକଳାର ପ୍ରତିଷ୍ଠାତା ଶାଶ୍ୱତ ଯୋଶୀ, ତପସ୍ୱିନୀ ପାଣ୍ଡବ, ସୁଜାତା ପରିମାଣିକ, ଝାରସୁଗୁଡା ଜିଲା ନାଟ୍ୟମ୍ ଡ୍ୟାନ୍ସ ଏକାଡେମୀର ପ୍ରତିଷ୍ଠାତା ତଥା ନାଟ୍ୟ ଗୁରୁ ରୁବୀ ପ୍ରଧାନ ରାଉତ, ଉତ୍ସବ ସଂସ୍ଥାର ପ୍ରତିଷ୍ଠାତା ରୁଚି ମିତ୍ରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମାଗାଜିନର ସମ୍ପାଦିକା ସଂଘମୁଦ୍ରା ଦୁବେ ଉପସ୍ଥିତ ଥିଲେ।

## ସିନାପାଲିରେ ଅସହ୍ୟ ହେଲାଣି ବିଦ୍ୟୁତ୍ କାଟ୍

# ବଢ଼ୁଛି ଅସନ୍ତୋଷ; ଦାନା ବାନ୍ଧୁଛି ଆନ୍ଦୋଳନ

**ସିନାପାଲି, ୧୩।୬ (ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ୍‌କୁ ନେଇ ଲୋକଙ୍କ ଭିତରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଏହାର ସ୍ଥାୟୀ ସମାଧାନ ପାଇଁ ବିରାଟ ଜନ ଆନ୍ଦୋଳନ ଦାନା ବାନ୍ଧୁଛି। ଖଡିଆଳ ଗ୍ରୀଡ୍‌ରୁ ସିନାପାଲି ଫିଡରକୁ ବିଦ୍ୟୁତ୍ ଯୋଗଣ ହେଉଛି। ଏହି ଫିଡରରୁ ସିନାପାଲି ସହର ସମେତ କିଛି ପଞ୍ଚାୟତକୁ ବିଦ୍ୟୁତ୍ ସଂଯୋଗ କରୁଛି; ହେଲେ ବାରମ୍ବାର ବିଦ୍ୟୁତ୍ କାଟ୍ କରାଯାଉଛି। ସିନାପାଲି ଅଞ୍ଚଳରେ ପତ୍ରଟିଏ ହଲିଲେ କିମ୍ବା ବର୍ଷା ବୁନ୍ଦାଏ ପଡ଼ିଲେ ମଧ୍ୟ ବିଦ୍ୟୁତ୍ କାଟ୍ ହେଉଛି। ଏପରିକି ବର୍ଷ ବର୍ଷ ଧରି ୩୩ କେଭି ଲାଇନ୍ ମରାମତି ନାଁରେ ବାରମ୍ବାର ବିଦ୍ୟୁତ୍ କଟୁଛି। ଦିନକୁ ୧୦ରୁ ଅଧିକ ଥର ବିଦ୍ୟୁତ୍ କାଟ୍ କରାଯାଉଛି। ଲୋକେ ଫୋନ୍ କରି ପଚାରିଲେ ବିଦ୍ୟୁତ୍ କର୍ମଚାରୀ ଏଣୁତେଣୁ କୁହୁଛନ୍ତି। ସିନାପାଲି ସହରରେ ବାରମ୍ବାର






ଏଭଳି ହେଉଥିବା ବେଳେ ସରକାରୀ କାର୍ଯ୍ୟାଳୟ ତଥା ଦୋକାନ ବଜାର ବେପାରୀ ବିଶେଷ ହଇରାଣ ହେଉଛନ୍ତି। ସିନାପାଲି ସମେତ ସାରା ନୂଆପଡ଼ା ୪୫ ଡିଗ୍ରୀ ତାପମାତ୍ରାରେ ସିଝୁଥିବା ବେଳେ ଲୋକେ ଅସହ୍ୟ ଗୁଳୁଗୁଳିରେ ଅତିଷ୍ଠ ହୋଇ ପଡ଼ୁଛନ୍ତି। ଏଭଳି ସ୍ଥିତିରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍ କରାଯାଉଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସିନାପାଲିକୁ ଯୋଗାଣ ହେଉଥିବା ବିଦ୍ୟୁତ୍ ଖଡିଆଳ ଗ୍ରିଡ୍‌ରୁ ସିଧାସଳଖ ନ ଆସି ବିଭିନ୍ନ ଗାଁ ଗଣ୍ଡାକୁ ସଂଯୋଗ ହୋଇ ଆସୁଛି। ଏହା ଫଳରେ ଏଭଳି ଅବ୍ୟବସ୍ଥା ଦେଖା ଦେଉଛି। ଖଡିଆଳରେ କୌଣସି ଅସୁବିଧା ହେଲେ ସିନାପାଲି ସହର ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଉଛି। ଏହି ସମସ୍ୟାର ସମାଧାନ କରି ଖଡିଆଳ ଗ୍ରୀଡ୍‌ରୁ ସିନାପାଲିକୁ ସ୍ୱତନ୍ତ୍ର ଅଲଗା କରି ବିଦ୍ୟୁତ୍ ସଂଯୋଗ କରାଯିବାକୁ ଅଞ୍ଚଳର ଲୋକେ ଦାବି କରୁଛନ୍ତି। ସିନାପାଲି ଅଞ୍ଚଳରେ ଲାଗିଥିବା ଅନେକ ଟ୍ରାନ୍ସଫର୍ମର ମୁକୁଳା ପଡ଼ିଛି। ଏହାର ସମାଧାନ ପାଇଁ ଅନେକ କର୍ମଚାରୀ ନିୟୋଜିତ ଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ଯାଉନାହିଁ। ଅନ୍ୟ କୌଣସି ସ୍ଥାନରେ ଏଭଳି ବିଦ୍ୟୁତ୍ କାଟ ହେଉ ନ ଥିବା ବେଳେ ସିନାପାଲିରେ କାହିଁକି ଅବ୍ୟବସ୍ଥା ଦେଖା ଦେଉଛି ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ପଚାରିଲେ କେତେବେଳେ ୩୩ କେଭି ଫଲ୍ଟ ଅଛି ତ ଆଉ କେତବେଳେ ଫିଉଜ୍ ଯାଇଛି ତ ଆଉ କେତେବେଳେ ଖଡିଆଳରୁ କଟା ହୋଇଛି ବୋଲି କୁହାଯାଉଛି। ଏହି ସମସ୍ୟାକୁ ନେଇ ସିନାପାଲି ଅଞ୍ଚଳର ବିଭିନ୍ନ ସୋସିଆଲ ମିଡ଼ିଆ ଗ୍ରୁପରେ ବିଶେଷ ଚର୍ଚ୍ଚା ହେଉଥିବା ବେଳେ ଆନ୍ଦୋଳନ କରିବାକୁ ସଜବାଜ ଚାଲିଛି। ଏ ସମ୍ପର୍କରେ ଯନ୍ତ୍ରୀ, ସୁପରଭାଇଜର, ଏସ୍‌ଡିଓ ଯାହାଙ୍କୁ ପଚାରିଲେ ଗୋଟିଏ ଉତ୍ତର ବ୍ୟବସ୍ଥା ଚାଲିଛି। ତୁରନ୍ତ ସମାଧାନ କରାଯିବ। ବର୍ଷ ପରେ ବର୍ଷ ବିତି ଚାଲିଛି; ହେଲେ କୌଣସି ସମାଧାନ ହେଉ ନାହିଁ। ତେବେ ଏ ବିଷୟରେ ସୁପରଭାଇଜର ନିରାକାର ପଣ୍ଡାଙ୍କୁ ପଚାରିବାରୁ ସବୁ ସମସ୍ୟାର ସମାଧାନ ହେଇଯିବ। ଲୋକେ ଧୈର୍ଯ୍ୟ ଧରିଲେ ସମସ୍ୟାର ସମାଧାନ ହୋଇଯିବ ବୋଲି କହିଛନ୍ତି।

# କୋଟାଗାଁ-ବିନ୍ଧାନିଗୁଡ଼ା ରାସ୍ତା ଶୋଚନୀୟ



**କଲମପୁର, ୧୩।୬(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅନ୍ତର୍ଗତ କୋଟାଗାଁରୁ ବିନ୍ଧାଣୀଗୁଡା ଆରଡି ରାସ୍ତା ପ୍ରାୟ ଅନେକ ବର୍ଷ ହେବ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା କୋଟାଗାଁ ଠାରୁ ଟେମରୀ ଶୁକନୀ ପଡ଼ା ପର୍ଯ୍ୟନ୍ତ ପ୍ରାୟ ୪ କିଲୋମିଟର ନିର୍ମାଣ ହୋଇଥିଲା। ଗତ ୨୦୧୨ ମସିହାରେ ପ୍ରାୟ ଦେଢ଼ କୋଟି ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଇଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ତେବେ ନିର୍ମାଣ ପରଠୁ କେବେ ଟଙ୍କାଟିଏର ମଧ୍ୟ ମରାମତି କାଯ୍ୟ ହେଇନାହିଁ। ପୂର୍ବରୁ ରାସ୍ତା ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ବାରମ୍ବାର ଅଭିଯୋଗ ହୋଇଥିଲା। ଠିକା ସଂସ୍ଥା ଏବଂ ବିଭାଗୀୟ ଅଧିକାରୀମାନଙ୍କ ମଧୁଚନ୍ଦ୍ରିକାରେ ଲାଭଖୋର ନୀତିରେ କାର୍ଯ୍ୟ ହେଇଥିଲା। ବର୍ଷକ ନ ପୂରୁଣୁ ରାସ୍ତାର ପିଚୁ ସହ ମେଟାଲଗୁଡ଼ିକ ମଧ୍ୟ ଖୋଲିବାକୁ ଲାଗିଲା। ରାସ୍ତାର ଦୁଇ ପାର୍ଶ୍ୱରେ ଖାଇଗଲାଣି ଏବଂ ଅନେକ ସ୍ଥାନ ଖାଲଖମା ହୋଇରହିଛି। ଯେଉଁ ପିଚୁ ଦିଆଯାଇଥିଲା ତାହାର ଚିହ୍ନବର୍ଣ୍ଣ ଟିକେ ବି ନାହିଁ। ରାସ୍ତା ବିପଦସଙ୍କୁଳ ହୋଇପଡ଼ିଛି। ସ୍କୁଲ ଛାତ୍ରଛାତ୍ରୀଙ୍କୁ ଯାତାୟାତ କରିବାରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ହେଲେ ଆମ୍ବୁଲାନ୍ସ ଯିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଏହି ରାସ୍ତା ଖଣ୍ଡିଏ କରାଯିବାକୁ ବିନ୍ଧାଣୀଗୁଡ଼ା ଗ୍ରାମବାସୀ ଅନେକ ଥର ବ୍ଲକ ଠାରୁ ଜିଲ୍ଲା ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀଙ୍କ ପାଖକୁ ଯାଇ ଅଭିଯୋଗ କରିଥିଲେ। ବାରମ୍ବାର ଦାବୀ ହେତୁ ପ୍ରଥମ ଥର ପାଇଁ ଏହି ରାସ୍ତା ନିର୍ମାଣ ହେବାରୁ ଅଞ୍ଚଳବାସୀ ଖୁସୀ ହେଉଥିଲେ। କିନ୍ତୁ କେଇଟା ଦିନ ପରେ ଯେ ପୂର୍ବବସ୍ଥା କୁ ଫେରି ଆସିବ କେହି ଭାବିନଥିଲେ। ଏହି ରାସ୍ତା ହେବା ଦ୍ୱାରା କଲମପୁର ବ୍ଲକରୁ ସିଧା ଜୟପାଟଣା ଏବଂ କୋକସରା ବ୍ଲକ ଅଞ୍ଚଳକୁ ସଂଯୋଗ କରୁଥିଲା। ରାସ୍ତାଟି ସିଧା ମୋଟେର ଜାତୀୟ ରାଜପଥରେ ମିଶୁଛି। ଏଣୁ ଏ ଅଞ୍ଚଳର ପ୍ରାୟ ଲୋକେ ରାସ୍ତା କାମ ହେବା ପରେ ଏହି ରାସ୍ତା ଦେଇ ଅଧିକାଂଶ ଲୋକେ ଯାତାୟାତ କରୁଥିଲେ। ଏବେ ସେହି ରାସ୍ତା ଯେମିତିକୁ ସେମିତି ହେଇ ଗଲାଣି। ରାସ୍ତା ମରାମତି ପାଇଁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାନ୍ତି। ଏହି ରାସ୍ତା ପାଇଁ ଧର୍ମଗଡ଼ ଆର ଡି ବିଭାଗର ଏସଡିଓଙ୍କୁ ପଚାରିବାରୁ ଏହା ଏକ ସ୍ୱତନ୍ତ୍ର ଅନୁଦାନରୁ ନିର୍ମାଣ କରାଯାଇଥିଲା। ମରାମତି ପାଇଁ ହେଲେ ପୁନର୍ବାର ଅନୁଦାନ ଦେଲେ କରାଯିବ ବୋଲି କହିଥିଲେ। କିନ୍ତୁ ପରିତାପର ବିଷୟ ଆଜି ପର୍ଯ୍ୟନ୍ତ ମରାମତି ପାଇଁ କୌଣସି ଅନୁଦାନ ଆସୁନାହିଁ। ରାସ୍ତା ସମ୍ପୂର୍ଣ୍ଣ କ୍ଷତି ହେବାରେ ଲାଗିଛି। ଆଗକୁ ବର୍ଷା ଋତୁ ଆସୁଥିବାରୁ ଏହା ପୂର୍ବରୁ ମରାମତି କରାଯିବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି।

# ଧବଳେଶ୍ୱର ବାବାଙ୍କ ବିବାହ ସମ୍ପନ୍ନ



**ସଇଁତଳା, ୧୩।୬(ସମିସ):** ସଇଁତଳା ବ୍ଲକ ଧରପଗଡ଼ରେ ଧୁମଧାମରେ ଧବେଳେଶ୍ୱର ବାବାଙ୍କ ଷଷ୍ଠ ତମ ଶୀତଳଷଷ୍ଠୀ ଉତ୍ସବ ତଥା ବିବାହ ସମ୍ପନ୍ନ ହୋଇଯାଇଛି। ଧବଳେଶ୍ୱର ବାବାଙ୍କ ବିବାହ ଉତ୍ସବ ପାଇଁ କନ୍ୟା ମାତାପିତା କଲାକୁଟୁ ଖେତୀ ଓ ପ୍ରଭାତୀ ଖେତୀଙ୍କ ଘରକୁ ପାର୍ବତୀଙ୍କୁ ନିଆଯାଇଥିଲା। ପିନ୍ଧାଣି କାର୍ଯ୍ୟ ସମାପନ ହେବାପରେ ବରାନୁଗମନ ହୋଇଥିଲା। ଡୁମେର ବାହାଲ ପଡ଼ାସ୍ଥିତ ବର ପିତାମାତା ଶୁଦ୍ଧୁଦ୍ଧି ପାତ୍ର ଓ ସୁଭଦ୍ରା ପାତ୍ରଙ୍କ ଘରୁ ପାରମ୍ପରିକ ବାଜା, ଦୁଲଦୁଲି ସହ ବରାଯାତ୍ରୀ ଦଳ ବାହାରିଥିଲେ। ଧରପଗଡ଼ ଗାଁ ପରିକ୍ରମା କରି କନ୍ୟା ଘରକୁ ଯାଇଥିଲେ। ଏଥିରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ରାତିରେ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ




ପ୍ରଭୁ ମହାଦେବ ଓ ମାତା ପାର୍ବତୀ ଶ୍ରଦ୍ଧାଳୁଙ୍କୁ ଯୁଗଳ ଦର୍ଶନଦେଇ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶୀତଳ ଷଷ୍ଠି ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ କର୍ତ୍ତା ଭାବରେ ଧ୍ରୁବଚରଣ ଚିନ୍ଦା ଓ ତାଙ୍କ ଧର୍ମ ପତ୍ନୀ ପଦ୍ମାଳୟା ଭଞ୍ଜ ଦେଓ ଥିବାବେଳେ ପୂଜକ ଦାୟିତ୍ୱରେ ଦାମୋଦର ଯୋଶୀ ଥିଲେ। ଗାଁର ସମସ୍ତ ଅନୁଷ୍ଠାନ ଓ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

## ନାବାଳିକାର ଆତ୍ମହତ୍ୟା

**ଭବାନୀପାଟଣା, ୧୩।୬(ସମିସ):** ସଦରଥାନା ଅନ୍ତର୍ଗତ ଭଟାଙ୍ଗପଦର ଗ୍ରାମରେ ଗତକାଲି ଜଣେ ୧୪ ବର୍ଷିଆ ନାବାଳିକା କୌଣସି କାରଣରୁ ବେକରେ ପିନ୍ଧା ଲୁଗା ଗୁଡ଼ାଇ ଆତ୍ମହତ୍ୟା କରିଛି। ଘରେ କେହି ନ ଥିବାବେଳେ ମୂଳ ଲାଗି ବାହାରକୁ ସମସ୍ତେ ଯାଇଥିବା ସମୟରେ ଏହି ଘଟଣା ଘଟିଥିବା କୁହାଯାଇଛି। ଗୁରୁବାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଛନ୍ତି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ ଏବଂ ପୁଲିସ ତଦନ୍ତ ଜାରି ରଖିଛି।

# ଲଡୁଗାଁରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

**ଲଡୁଗାଁ, ୧୩।୬(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ଲଡୁଗାଁ ପଞ୍ଚାୟତ ସଦର ମହକୁମା ଲଡୁଗାଁ ହେଉଛି ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ। ଏହା ଏକ ଛୋଟ ସହର ଓ ଏହାର ଜନସଂଖ୍ୟା ୯ ହଜାରରୁ ଊର୍ଦ୍ଧ୍ୱ। ଏଠାରେ ଅନେକ ବ୍ୟବସାୟିକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ ଓ ଦୋକାନ ବଜାର





ରହିଛି। ବର୍ତ୍ତମାନ ଦେଖିବାକୁ ମିଳୁଛି ଯେ ଲଡୁଗାଁରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଦୀର୍ଘବର୍ଷ ହେବ ଲଡୁଗାଁସ୍ଥ ଭାରତୀୟ ଷ୍ଟେଟ ବ୍ୟାଙ୍କଠାରୁ ଶିବ ମନ୍ଦିର ପଡ଼ା ଯିବା ରାସ୍ତାରେ ଡ୍ରେନର ନିର୍ଗତ ଦୂଷିତ ପାଣି, ରାସ୍ତା କଡ଼ରେ ପଡ଼ିଥିବା କୁଢ଼ କୁଢ଼ ମଇଳା ଆବର୍ଜନାରେ ପୋତି ହୋଇ ଶୋଚନୀୟ ହୋଇ ପଡ଼ିଛି। ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଠାରୁ ବ୍ଲକ ପ୍ରଶାସନ ନିକଟରେ ଲଡୁଗାଁର ଜଣେ ସଚେତନ ନାଗରିକ ମୁରାରିଲାଲ ଅଗ୍ରୱାଲ ଅନେକ ସମୟରେ ଲିଖିତ ଅଭିଯୋଗ କରିଛନ୍ତି, ହେଲେ ଆଜି ପର୍ଯ୍ୟନ୍ତ ପରିମଳ ବ୍ୟବସ୍ଥା ସୁଧୁରି ପାରିନାହିଁ। ଲଡୁଗାଁ ସହରର ମୁଖ୍ୟ ଡ୍ରେନ ଶିଶୁ ମନ୍ଦିର ରାସ୍ତା ଦେଇ ଯାଇଥିବା ବେଳେ ଏହି ସ୍ଥାନରେ ଡ୍ରେନ ପୋତି ହେବାରୁ ଡ୍ରେନର ଦୂଷିତ ମଇଳା ପାଣି ରାସ୍ତା ଉପର ବୋହୁଛି। ଫଳରେ ଏହି ରାସ୍ତା ଦେଇ ଯିବା ଆସିବା ସମୟରେ ଦୁର୍ଗନ୍ଧରେ ଗ୍ରାମବାସୀ ଅଣ ନିଶ୍ୱାସୀ ହୋଇ ପଡୁଛନ୍ତି। ଶିଶୁ ମନ୍ଦିର ସମ୍ମୁଖରେ ଆବର୍ଜନା ଗଦା ହେଉଥିବାରୁ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବା ବେଳେ ଶିଶୁ ମନ୍ଦିରକୁ ପାଠ ପଢ଼ିବା ପାଇଁ ଆସୁଥିବା କୋମଳମତି ଛାତ୍ରଛାତ୍ରୀମାନେ ଅସ୍ୱାସ୍ଥକର ପରିବେଶ ଦେଇ ଯାତାୟାତ କରୁଛନ୍ତି। ପ୍ରତିଦିନ ସହରର ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁ ପଡୁଥିବାରୁ ଜାଗାଟି ସନ୍ତସନ୍ତିଆ ହୋଇ ରହିବା ସହ ଦୁର୍ଗନ୍ଧ ବାହାରୁଛି। ତା'ସହିତ ମଶାମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବା ସହ ଲୋକେ ବିଭିନ୍ନ ପ୍ରକାର ରୋଗରେ ରୋଗାକ୍ରାନ୍ତ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଲଡୁଗାଁର ପରିମଳ ବ୍ୟବସ୍ଥାକୁ ଦେଖିଲେ ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ କେବଳ ନାଁକୁ ମାତ୍ର। ଡ୍ରେନେଜ ବ୍ୟବସ୍ଥା ପାଇଁ ଅନେକ ସମୟରେ ବ୍ଲକ ପ୍ରଶାସନ ଓ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ହୋଇଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇନାହିଁ। ଗତ ମେ ୨୨ ତାରିଖ ଦିନ କୋକସରା ବିଡିଓ ସ୍ନେହାପ୍ରଭା ମାଝୀ, ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ସରପଞ୍ଚ ନକୁଳ ନାଏକଙ୍କ ସମେତ ଅଧିକାରୀ ତଥା ଗ୍ରାମବାସୀ ଏ ସମସ୍ୟା ଉପରେ ପରିଦର୍ଶନ କରି ପରିମଳ ବ୍ୟବସ୍ଥା ସୁଧାରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଡ୍ରେନ ସମସ୍ୟାର ସମାଧାନ ହୋଇପାରିନି। ଏନେଇ ଲଡୁଗାଁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ କହିବା କଥା ଯେ ଏହି ପଡ଼ାରେ ଡ୍ରେନ କଂକ୍ରିଟ ହୋଇନି। ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ଥିବା ବେଳେ ଡ୍ରେନେଜ ବ୍ୟବସ୍ଥା ସୁଧାରିବା ପାଇଁ ବିଭାଗକୁ ଜଣାଯାଇଛି। ଏହାସହ ଏଠି କିଛି ଲୋକଙ୍କ ରଇତାନି ଜାଗା ରହିଥିବାରୁ ଡ୍ରେନ ନିର୍ମାଣ କରିବାକୁ କେହି ଚାହୁଁ ନାହାନ୍ତି। ଯାହାଦ୍ୱାରା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ସମବାୟ ସମିତିର ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ




**ଲଡୁଗାଁ, ୧୩।୬(ସମିସ):** ଧର୍ମଗଡ଼ ବ୍ଲକ ପର୍ଲା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଓଡ଼ିଶା ରାଜ୍ୟ ସମବାୟ ସମିତି ଲିଃ ତରଫରୁ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବ୍ରିଜଲାଲ ନାଏକଙ୍କ ଉପସ୍ଥିତିରେ ବିଭାଗୀୟ କର୍ମକର୍ତ୍ତା କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। ଦିନକୁ ଦିନ ଦରଦାମ ବୃଦ୍ଧି ଯୋଗୁ ସାଧାରଣ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନଜରରେ ରଖି ଓଡ଼ିଶା ରାଜ୍ୟ ସମବାୟ ସମିତି ଲିଃ ସାଧାରଣ ଲୋକଙ୍କ ସୁବିଧା ପାଇଁ ୧୫-୬୦ ପ୍ରତିଶତ ରିହାତିରେ ନାନା ପ୍ରକାର ଜିନିଷ ଉପଲବ୍ଧ ହେବା ନେଇ ଉଦ୍ୟମ ରଖିଛନ୍ତି। ପଞ୍ଚାୟତ ମହକୁମାଠାରେ ପ୍ରଥମେ ଏହାର ବଜାର ବା ଦୋକାନ, ମହଲ ଇତ୍ୟାଦି ଖୋଲି ବିକ୍ରି କରିବା ବ୍ୟବସ୍ଥା କରିଛି। ଏଥିପାଇଁ ବିଭାଗରେ ସମ୍ପୃକ୍ତି ହେବାକୁ ପ୍ରଥମେ ୨୫୦ ଟଙ୍କା ଜମା ପଞ୍ଜିକୃତ ହେବାକୁ ସାଧାରଣ ଜନତାଙ୍କୁ ଶାଖା ପରିଚାଳକ ଶତ୍ରୁଘ୍ନ ନାଏକ କହିଛନ୍ତି। ଏହାର ଫାଇଦା ଓ ସୁଲଭ ଭାବେ ସହଜରେ ଉପକରଣ ସାମଗ୍ରୀ ତଥା ଜିନିଷ ସହଜରେ ଗ୍ରାହକ କିପରି ପାଇବେ ସେନେଇ କୋକସରା ଶାଖା ପରିଚାଳକ ପ୍ରେମରାଜ ନିଆଲ ଲୋକଙ୍କୁ ବୁଝାଇଥିଲେ। ଏଥିରେ ପର୍ଲା ପଞ୍ଚାୟତର ଏସଏସଜି ଗୋଷ୍ଠୀ ସମେତ ବିଭାଗର ପିଇଓ ରୁକମଣି ବାଗ, ପିଇଓ ଦୁଲ୍ଲଭି ଜାଲ, ଏଫଇଓ ସସ୍ମିତା ବାଗ, ପିଇଓ ଲିଙ୍ଗରାଜ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଲଡୁଗାଁରେ ମଧ୍ୟ ବିଏମ ପ୍ରେମରାଜ୍ ନାଏକଙ୍କ ଉପସ୍ଥିତିରେ ଲୋକଙ୍କୁ ବୁଝାଇଥିଲେ।

## ପୁରୁଣାପଡ଼ାରେ ଶୀତଳଷଷ୍ଠୀ ଯାତ୍ରା

# ମଞ୍ଚସ୍ଥ ନାଟକ 'ସୁଖ ସାତ ପର, ଦୁଃଖ ନିଜର'



**ଭବାନୀପାଟଣା, ୧୩।୬(ସମିସ):** ପବିତ୍ର ଶୀତଳଷଷ୍ଠୀ ଉପଲକ୍ଷେ ପୁରୁଣାପଡ଼ା ସ୍ଥିତ ଶ୍ରୀ ବାଲୁଙ୍କେଶ୍ୱର ମହାଦେବଙ୍କ ସହ ଜଗତ ଜନନୀ ମା' ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ପ୍ରଭୁଙ୍କ ନଗର ଭ୍ରମଣ କାର୍ଯ୍ୟକ୍ରମ ମଧ୍ୟ ଧୁମଧାମରେ ହୋଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁରୁଣାପଡ଼ାର ୧୭ତମ ନାଟକ 'ସୁଖ ସାତ ପର ଦୁଃଖ ନିଜର' ମଞ୍ଚସ୍ଥ ହୋଇଥିଲା। ନାଟକକୁ ନାଟ୍ୟଗୁରୁ ପିତାମ୍ବର ମହାରଣା ନିର୍ଦ୍ଦେଶନା ଦେଇଥିବାବେଳେ ସହନିର୍ଦ୍ଦେଶନା ଦେଇଥିଲେ ଦେବେନ୍ଦ୍ର ସାହୁ। ସାଂସ୍କୃତିକ କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବର ଅତିଥି ଭାବେ ବାଲୁଙ୍କେଶ୍ୱର ମନ୍ଦିର କମିଟିର ସଭାପତି ସିଦ୍ଧାର୍ଥ ନାୟକ, ସମ୍ପାଦକ ମାନସ ରଞ୍ଜନ ପ୍ରଧାନ, ପୂର୍ବତନ ସଭାପତି ଇନ୍ଦ୍ରଜିତ ମହାକୁଡ, ପୂର୍ବତନ ସମ୍ପାଦକ ମନମୋହନ ପ୍ରଧାନ ଓ ପୂର୍ବତନ ପୌରାଧ୍ୟକ୍ଷ ନିରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନାଟ୍ୟକାର ପିତାମ୍ବର ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ଆକାଶବାଣୀ ଉଦଘୋଷକ ତଥା ଯୁବ ଅଭିନେତା ଆଲୋକ କୁମାର ସାହୁ। ମଞ୍ଚସ୍ଥ ନାଟକରେ ବିଭିନ୍ନ ଭୂମିକାରେ ବାବୁଲି ଆଚାର୍ଯ୍ୟ, ଭଗବାନ ବିଷୋୟୀ, ଧବଳେଶ୍ୱର ଜେନା, ଦୟାନିଧି ପ୍ରଧାନ, କ୍ରିଷ୍ଣା ବିହାରୀ, ଆଲୋକ କୁମାର ସାହୁ, ନରେନ୍ଦ୍ର ପ୍ରଧାନ, ଦିବାକର ପାତ୍ର, ସଞ୍ଜୀବ ସାହୁ, ଶଙ୍କର ମହାରଣା, ନୀଳାଦ୍ରି ନାୟକ, ସନମତ ରକ୍ଷମ ପ୍ରଧାନ, ଶୁକ୍ଲ ପାତ୍ର ଓ ଭବାନୀ ସାହୁ ଆଦି ସମସ୍ତେ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଅଶ୍ୱିନୀ ପାଣିଗ୍ରାହୀ। ମଞ୍ଚସ୍ଥ ନାଟକଟି ମନମୁଗ୍ଧକର ହେବା ସହ ସମସ୍ତ ନାଟ୍ୟପ୍ରେମୀଙ୍କୁ ବାନ୍ଧି ରଖିଥିଲା।

# ଝରଣାମାଲରେ ପାଣି ସମସ୍ୟା ଉତ୍କଟ

**ନୂଆପଡ଼ା, ୧୩।୬(ସମିସ)**

ନୂଆପଡ଼ା ଜିଲ୍ଲାରେ ପାନୀୟ ଜଳ ସମସ୍ୟା ଦୂର କରିବାକୁ କୋଟି କୋଟି ଟଙ୍କାର ପ୍ରକଳ୍ପ ସବୁ ନିର୍ମାଣ କରାଯାଇଛି; ହେଲେ କେତେଜଣ ସ୍ୱାର୍ଥାନ୍ୱେଷୀ ଅଧିକାରୀ ଏବଂ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଉଦାସୀନତା ହେତୁ ଲୋକେ ଯୋଜନାଗୁଡିକରୁ ବହୁ ଯୋଜନ ଦୂରରେ ରହିଯାଇଥିବା ଦେଖାଯାଉଛି। ନୂଆପଡ଼ା ଜିଲ୍ଲାର

## ବର୍ଷା ଦିନେ ଝରଣା ପାଣି ଭରସା

## ଖରାଦିନେ ଦୁଇ ଫୁଟିଆ ମାଟି କୂଅ

ଉପାନ୍ତ ବୋଡେନ ବ୍ଲକ ଅଧୀନ ନାଗପଡ଼ା ପଞ୍ଚାୟତ ଝରଣାମାଲ ଗାଁରେ ଏହାର ନଗ୍ନ ନମୁନା ଦେଖିବାକୁ ମିଳୁଛି।

ଆଜି ବି ଏହି ଗାଁର ଲୋକେ ଲୋକେ ଝରଣା ପାଣି ଉପରେ ଭରସା କରି ଚଳନ୍ତି। ବର୍ଷା ଦିନେ ଝରଣା ଏବଂ ଖରା ଦିନେ ୨ ଫୁଟିଆ ମାଟି କୂଅ ଖୋଳି ପାଣି ସମସ୍ୟା ଦୂର କରିଥାନ୍ତି। ତେବେ ଝରଣାମାଲ ଏକ ଆଦିବାସୀ ବହୁଳ ଗାଁ। ଏହି ଗାଁ ପାହାଡ ତଳେ ରହିଛି। ଗୋଟିଏ ପଟେ ପାହାଡ ଏବଂ ଅନ୍ୟପଟେ ଘୋଡ଼ାଘାଟ ନଦୀ। ତେବେ ନଦୀ ଥାଇ ମଧ୍ୟ ଲୋକଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ଅଦ୍ୟାବଧି ହୋଇ ସୁଧୁରି ନ ଥିବା ଦେଖାଯାଇଛି। ଅବଶ୍ୟ ଗାଁରେ



ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଛି। ଏଥିରୁ ନାଗପଡ଼ା ସହ ଝରଣାମାଳର କିଛି ପଡ଼ାକୁ ଜଳ ଯୋଗାଣ ହେଉଛି। ଆମମୁଡା ପଡ଼ା ଏଥିରୁ ବଞ୍ଚିତ ରହିଛି। ଏହି ପଡ଼ାରେ ପୁରୁଷାନୁକ୍ରମେ ୧୨/୧୩ ଟି ପରିବାର ଲୋକ ବସତି କରି ରହିଛନ୍ତି। ସମସ୍ତଙ୍କ ବେଉସା କହିଲେ ଜମି ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏହି ପଡ଼ା ଦେଇ ଯାଇଥିବା ଏକ ଝରଣା ପାଣିରେ ଲୋକେ ସ୍ନାନ ଶୌଚ କରିଥାନ୍ତି। ସେଭଳି କୌଣସି ସରକାରୀ କୂଅର ବ୍ୟବସ୍ଥା ନାହିଁ। ଏଣୁ ଲୋକେ ବାଧ୍ୟ ହୋଇ ବର୍ଷା ଦିନେ ଝରଣା ପାଣି ସଂଗ୍ରହ କରନ୍ତି। ଖରା ଦିନେ ଏହି ଝରଣା ଶୁଖିଯାଏ। ଏଣୁ ଝରଣା ନିକଟରେ ମାଟିର ୨ ଫୁଟିଆ କୂଅ ଖୋଳି ପାଣି ସଂଗ୍ରହ କରିଥାନ୍ତି। ଜଳ ଯୋଗାଣ ପାଇଁ ପଡ଼ାବାସିନ୍ଦା ବାରମ୍ବାର ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଜଣାଇଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି।

### ସେମାନେ ଯାହା କହନ୍ତି...



ବହୁ ବର୍ଷ ଧରି ଆମେ ପାଣି ସମସ୍ୟା ଦେଇ ଗତି କରୁଛୁ। ଚାଷ ଜମି ମଧ୍ୟରେ ମାଟିରେ କୂଅ ଖୋଳି ପାଣି ବାହାର କରୁଛି। ମାଟିକୂଅ ଟିକକ ଆମର ଭରସା ସାଜିଛି।

**ଶାନ୍ତି ଚିନ୍ଦା**



ଏହି ପାଣି ବ୍ୟବହାର କରି ବିଭିନ୍ନ ସମୟରେ ଗ୍ରାମବାସୀଙ୍କୁ ଝାଡ଼ାବାନ୍ତି ହେଉଛି; ହେଲେ ଆମ ପାଖରେ ବିକଳ୍ପ ନ ଥିବାରୁ ବାଧ୍ୟ ହୋଇ ଏହାକୁ ବ୍ୟବହାର କରୁଛୁ। ସରକାରୀ ଅଧିକାରୀ ଆଦି ଦେଖିଯାଉଛନ୍ତି ସିନା। କୌଣସି କାମକୁ ନାହିଁ।

**ରୁକ୍ମିଣୀ ଚିନ୍ଦା**



ସରକାରଙ୍କ ତରଫରୁ ସବୁ ପ୍ରକାର ସହଯୋଗ ମିଳୁଛି। ଖାଦ୍ୟ, ବସ୍ତ୍ର, ବାସଗୃହ ସମସ୍ୟା ନାହିଁ। ପାଣି ଟିକକ ପାଇଁ ସବୁବେଳେ ଦରାଣ୍ଡି ହେଉଛୁ। ଏଥିପାଇଁ ବାରମ୍ବାର ଅଧିକାରୀ, ସରପଞ୍ଚଙ୍କୁ ଜଣାଇଆସୁଛୁ; ହେଲେ କୌଣସି ସୁଫଳ ମିଳିପାରୁନାହିଁ। ଏହା ଦିନକର ସମସ୍ୟା ନୁହେଁ। ବର୍ଷ ସାରା ଦୁଇ ଫୁଟିଆ ମାଟି କୂଅ ଖୋଳି ତା' ଉପରେ ଭରସା କରି ଚଳିଥାଉଁ।

**ଖିରଧର ଚିନ୍ଦା**



ପାଣି ବ୍ୟବସ୍ଥା ସକାଶେ ପଞ୍ଚାୟତ ତରଫରୁ ଅନେକ ଥର ପ୍ରତିଶ୍ରୁତି ଦିଆଯାଉଛି; ହେଲେ ସବୁ ଧୂଆଁବାଣ ସାଜିଛି। ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ।

**କେଶବ ପୋଢ**

